

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୪ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 24 AUGUST 2023

Vol.No. 35 ■ No. 223 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଇତିହାସ ରଚିଲା ଭାରତ

ଭାରତର ଚନ୍ଦ୍ର ଅଭିଯାନ ହେଲା ସଫଳ

■ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

■ଅବତରଣ ପରେ ପ୍ରଥମ ଫଟୋ ପଠାଇଲା ଚନ୍ଦ୍ରଯାନ-୩

ନୂଆଦିଲ୍ଲୀ , ୨୩/୦୮ (ନି.ପ୍ର): ଇତିହାସ ରଚିଛି ଭାରତର ମହାକାଶ ଗବେଷଣା ସଂସ୍ଥା ଇସ୍ରୋ । ଇସ୍ରୋର ଚନ୍ଦ୍ରଯାନ-୩ ନିରାପଦରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଛି । ଏପରି ସଫଳତା ହାସଲ କରିବାରେ ଭାରତ ବିଶ୍ୱର ୪ର୍ଥ ମହାକାଶ ସଂସ୍ଥାରେ ପରିଣତ ହୋଇଛି । ପୂର୍ବରୁ ଆମେରିକା, ରୁଷ, ଚୀନ ଏହି ସଫଳତା ହାସଲ କରିଛନ୍ତି । କିନ୍ତୁ ଚନ୍ଦ୍ରର ଦକ୍ଷିଣ ମେରୁରେ ଓହ୍ଲାଇବାରେ ଭାରତ ପ୍ରଥମ ଦେଶର ଗୌରବ ଅର୍ଜନ କରିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷିଣ ଆଫ୍ରିକାର ଜୋହାନସବର୍ଗରୁ ସାମିଲ ହୋଇ ଇସ୍ରୋର ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜଣାଇବା ସହ ଭାରତର ମହାକାଶ ଅଭିଯାନ କେବଳ ଚନ୍ଦ୍ରରେ ସୀମିତ ରହିବନି ବରଂ ଏହା ସୌରମଣ୍ଡଳର ସୀମା ପର୍ଯ୍ୟନ୍ତ ଯିବ ବୋଲି କହିଛନ୍ତି। ଏଥିସହ ଆମେ ଖୁବଶୀଘ୍ର ସୂର୍ଯ୍ୟ ଅଭିଯାନ ପାଇଁ ଆଦିତ୍ୟ ଏଲ-୧ ମିସନ ଆରମ୍ଭ ହେବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଘୋଷଣା କରିଛନ୍ତି। ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି । ଏହା ଭାରତର ଉଦୟର କ୍ଷଣ ବୋଲି ସେ ଅଭିହିତ କରିଛନ୍ତି। ଇସ୍ରୋ ଗତ ଜୁଲାଇ ୧୪ରେ ଚନ୍ଦ୍ରଯାନ-୩କୁ ପ୍ରେରଣ କରିଥିଲା ଓ ଅତ୍ୟନ୍ତ ସାବଧାନତାର ସହ ଏହାର ପ୍ରତିଟି ଗତିବିଧି ଉପରେ ନଜର ରଖିଥିଲା। ଏହା ଭାରତର ୩ୟ ଚନ୍ଦ୍ର ମିସନ । ଏହା ପୂର୍ବରୁ ୨୦୦୮ରେ ଚନ୍ଦ୍ରଯାନ-୧ ଓ ୨୦୧୯ରେ ଚନ୍ଦ୍ରଯାନ-୨ ପ୍ରେରଣ କରିଥିଲା ଇସ୍ରୋ। ୨୦୦୮ ମସିହା ଅକ୍ଟୋବର ୨୨ ତାରିଖରେ ଭାରତ ଚନ୍ଦ୍ରଯାନ-୧ର ଉତକ୍ଷେପଣ କରିଥିଲା। ଏହା ଥିଲା ଭାରତର ପ୍ରଥମ ଚନ୍ଦ୍ର ଅଭିଯାନ। ଚନ୍ଦ୍ରଯାନ-୧ ଏକ କକ୍ଷପଥ ଅଭିଯାନ ଥିଲା। ଅର୍ଥାତ୍ ଏହାର କାମ କେବଳ ଚନ୍ଦ୍ରଚାରିପଟେ ବୁଲିବା ଥିଲା। ଚନ୍ଦ୍ରଯାନ-୧ ଚନ୍ଦ୍ରପୃଷ୍ଠରେ ଜଳ ଅଣୁ ଆବିଷ୍କାର କରିଥିଲା । ଇସ୍ରୋ ୨୦୧୯ରେ ଚନ୍ଦ୍ରଯାନ-୨ ଅଭିଯାନ ଆରମ୍ଭ କରିଥିଲା। ଏହାର ଉଦ୍ଦେଶ୍ୟ ଥିଲା ଚନ୍ଦ୍ରର ଉତ୍ପତ୍ତି ଓ ବିକାଶକୁ ବୁଝିବା ପାଇଁ ଏକ ବିସ୍ତୃତ ଅଧ୍ୟୟନ । ଚନ୍ଦ୍ରଯାନ-୨ ଚନ୍ଦ୍ରରେ ଲ୍ୟାଣ୍ଡର ଅବତରଣ କରିବାର ଥିଲା, କିନ୍ତୁ ୭ ସେପ୍ଟେମ୍ବର ୨୦୧୯ରେ ଲ୍ୟାଣ୍ଡର ବିକ୍ରମ କ୍ରାସ୍ ଲ୍ୟାଣ୍ଡିଂ କରିବା ହେତୁ ଏହାର ସ୍ଥଳ ନିୟନ୍ତ୍ରଣ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ତେବେ ଚନ୍ଦ୍ରଯାନ-୨ ଅର୍ବିଟର ଏବେ ବି କାର୍ଯ୍ୟକ୍ଷମ ରହିଛି ଏବଂ ଚନ୍ଦ୍ର ବିଷୟରେ ତଥ୍ୟ ଦେଉଛି। ଚନ୍ଦ୍ରରେ ଅବତରଣ ପରେ ଭୂପୃଷ୍ଠକୁ ଫଟୋ ପଠାଇବା ଆରମ୍ଭ କରିଛି ଚନ୍ଦ୍ରଯାନ-୩ର ବିକ୍ରମ ଲାଣ୍ଡର୍ । ଏହି ଚିତ୍ର ଚନ୍ଦ୍ରପୃଷ୍ଠର ସବୁଠାରୁ ନିକଟତମ ଚିତ୍ର ଅଟେ । ଚନ୍ଦ୍ର ପୃଷ୍ଠରେ ଅବତରଣ କରୁଥିବା ବେଳେ ଲ୍ୟାଣ୍ଡର ବିକ୍ରମ ଆଉ କେତେକ ଫଟୋ ଉଠାଇଥିଲା । ବିକ୍ରମ ଲ୍ୟାଣ୍ଡରରେ ଏକ ହରିଜୋଣ୍ଟାଲ ଭେଲୋସିଟି କ୍ୟାମେରା ଲଗାଯାଇଛି ଏବଂ ସେଥିରୁ ଏହି ଫଟୋ ନିଆଯାଇଛି । ବେଙ୍ଗାଲୁରୁସ୍ଥିତ ଇସ୍ରୋର କଣ୍ଟ୍ରୋଲ ସେଣ୍ଟର ସହ ଚନ୍ଦ୍ରଯାନର ଯୋଗାଯୋଗ ସ୍ଥାପନ ହୋଇଛି । ଏହା ପରେ ଚନ୍ଦ୍ରଯାନ-୩ ଚନ୍ଦ୍ରପୃଷ୍ଠର କେତେକ ନୂଆ ଫଟୋ ପଠାଇଛି । ଇସ୍ରୋ ପକ୍ଷରୁ ଟୁଇଟ କରି ଏହି ଫଟୋଗୁଡ଼ିକୁ ସେୟାର କରାଯାଇଛି । ବିକ୍ରମ ପୃଷ୍ଠରେ ଅବତରଣ କରିବା ପରେ ଚନ୍ଦ୍ରଯାନ ଅନେକ ଉପାୟରେ କାମ କରିବ ବୋଲି ଇସ୍ରୋ ଟୁଇଟ୍ କରିଛି। ବୈଜ୍ଞାନିକମାନେ କହିଛନ୍ତି ଯେ ଚନ୍ଦ୍ରଯାନ-୩ ଅଭିଯାନକୁ ତିନୋଟି ପ୍ରମୁଖ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମଟି ଥିଲା ପ୍ରୋପଲସନ୍ ମଡ୍ୟୁଲ୍, ଯାହା ଲ୍ୟାଣ୍ଡରକୁ ଚନ୍ଦ୍ରର କକ୍ଷପଥକୁ ନେଇଯାଇଥିଲା। ନିକଟରେ ବିକ୍ରମକୁ ଏଥିରୁ ଅଲଗା କରାଯାଇଥିବା ବେଳେ ପ୍ରୋପଲସନ ମଡ୍ୟୁଲ ଚନ୍ଦ୍ର ପୃଷ୍ଠରେ ଘୂରିବୁଲୁଛି। ଏଥିରୁ ଅଲଗା ହୋଇଥିବା ଲ୍ୟାଣ୍ଡର ବିକ୍ରମ ସହ ରୋଭର ପ୍ରଜ୍ଞାନକୁ ପଠାଯାଇଥିଲା। ଏବେ ଲ୍ୟାଣ୍ଡର ବିକ୍ରମ ସଫଳତାର ସହ ଚନ୍ଦ୍ରରେ ଅବତରଣ କରି ଅଭିଯାନର ପ୍ରଥମ ପର୍ଯ୍ୟାୟ ଶେଷ କରିଛି।

ପାରିବାରିକ କଳହର କରୁଣ ପରିଣତି: ସ୍ତ୍ରୀକୁ ଶାବଳରେ ପିଟି ହତ୍ୟା କଲା ସ୍ୱାମୀ

ଗଜପତି, ୨୩/୦୮ (ନି.ପ୍ର): ପାରିବାରିକ କଳହର କରୁଣ ପରିଣତି। ଜଣେ ମହିଳାଙ୍କୁ ତାର ସ୍ୱାମୀ ଶାବଳରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ରାଣୀଖମା ନାୟକ ସାହିରେ। ଗତକାଲି ସନ୍ଧ୍ୟାରେ ହାଡୁ ଓ ସୁରବକା ଉଭୟ କାମରୁ ଫେରିଥିଲେ। ପରେ ଘରେ ଟଙ୍କା ଖର୍ଚ୍ଚକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ବଚସା ଉଗ୍ର ରୂପ ନେଇଥିଲା। ହାଡୁ ଉତ୍କ୍ଷିପ୍ତ ହୋଇ ଏକ ଶାବଳ ଆଣି ସୁରବକାଙ୍କୁ ପିଟି ହତ୍ୟା କରିଥିଲେ। ସ୍ୱାମୀସ୍ତ୍ରୀ ପାଟି ତୁଣ୍ଡ ଶୁଣି ପଡ଼ୋଶୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୁରବକା ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଏନେ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ହତ୍ୟାକାଣ୍ଡ ବ୍ୟବହୃତ ଶାବଳକୁ ଜବତ କରି ଘଟଣାର ତଦନ୍ତ କରୁଛି। ହାଡୁ ଓ ସୁରବକାଙ୍କ ମଧ୍ୟରେ ସବୁବେଳେ କଳିଝଗଡ଼ା ଲାଗି ରହୁଥିଲା ବୋଲି ଗ୍ରାମବାସୀ କହିଛନ୍ତି।

ଆହୁରି ଦୁଇ ଦିନ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୨୩/୦୮ (ନି.ପ୍ର): ଆଜି ରାଜ୍ୟରେ କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି। ଆଜି ପରି ଆସନ୍ତାକାଲି ମଧ୍ୟ କେତେକ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଏହାଛଡ଼ା ବଜ୍ରପାତ ଓ ଘଡ଼ଘଡ଼ି ମାରିବାର ରହିଛି ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ୨୪ ଘଣ୍ଟା ଭିତରେ ବଲାଙ୍ଗିର, କନ୍ଧମାଳ, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବରଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ବର୍ଷା ସାଙ୍ଗକୁ ଘଡ଼ଘଡ଼ି ସହ ▶▶ପୃଷ୍ଠା ୭

ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ବ୍ୟାଗ୍ ଲୁଟ୍

କେନ୍ଦ୍ରାପଡା , ୨୩/୦୮ (ନି.ପ୍ର): ଦିନ ଦ୍ୱିପ୍ରହରରେ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ଲୁଟ୍ । କେନ୍ଦ୍ରାପଡା ନିକିରାଇ ଥାନା ଅନ୍ତର୍ଗତ କୋର ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ଘଟିଛି ଏହି ଲୁଟ୍ ଘଟଣା । ସୂଚନାଯୋଗ୍ୟ ଯେ, ବୁଧବାର ଅପରାହ୍ନ ୨ଟାରେ ଏକ ଫାଇନାନ୍ସ କମ୍ପାନୀର ଦୁଇ ଜଣ କର୍ମଚାରୀ ଧୀରେନ୍ଦ୍ର ବେହେରା ଓ ଶ୍ରବଣ କୁମାର ବାରିକ ବିଭିନ୍ନ ସ୍ଥାନରୁ ଟଙ୍କା କଲେକସନ କରି ଏକ ବାଇକ୍ ଯୋଗେ ପଟ୍ଟାମୁଣ୍ଡାଇ ଅଭିମୁଖେ ଯାଉଥିଲେ । କୋର ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ନିଛାଟିଆ ଅଞ୍ଚଳରେ ଏକ ବାଇକରେ ତିନି ଜଣ ଦୁର୍ବୃତ୍ତ ଆସି ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ବାଇକ୍ ଆଗରେ ଘେରା ପକାଇ ଅଟକାଇ ଥିଲେ। ପରେ ଦୁର୍ବୃତ୍ତ ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କ ହାତରେ ଥିବା ବ୍ୟାଗ୍ ଛଡ଼ାଇ ନେଇ ପଳାଇଥିଲେ । ସେହି ବ୍ୟାଗ୍‌ରେ ୧୮ ହଜାର ୨୬୦ ଟଙ୍କା ଥିବା କମ୍ପାନୀ କର୍ମଚାରୀ ଅଭିଯୋଗ କରିଛନ୍ତି ।

ମହିଳା ହୋମଗାର୍ଡ ଆତ୍ମହତ୍ୟା ଉଦ୍ୟମ ପ୍ରସଙ୍ଗ

ନିଜ ଆଡୁ ମାମଲା ରୁଜୁ କଲେ ମହିଳା କମିଶନ

ଭୁବନେଶ୍ୱର, ୨୩/୦୮ (ନି.ପ୍ର): ଡିଆଜିଙ୍କ ପତ୍ନୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ମହିଳା ହୋମଗାର୍ଡ ଆତ୍ମହତ୍ୟା ଉଦ୍ୟମ କରିବା ପ୍ରସଙ୍ଗରେ ନିଜ ଆଡୁ ମାମଲା ରୁଜୁ କରିଛନ୍ତି ରାଜ୍ୟ ମହିଳା କମିଶନ। ୧୫ ଦିନ ଭିତରେ ତଦନ୍ତ କରି ରିପୋର୍ଟ ଦେବାକୁ କ୍ରାଇମବ୍ରାଂଚ ଏଡିଜିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ▶▶ପୃଷ୍ଠା ୭

ଲାଂଚ ମାଗିବା ଅଭିଯୋଗରେ ବାରିପଦା ମ୍ୟୁନିସପାଲିଟି ସିଟି ମିଶନ ମ୍ୟାନେଜର ଗିରଫ

ଭୁବନେଶ୍ୱର, ୨୩/୦୮ (ନି.ପ୍ର): ଆହାର କେନ୍ଦ୍ର ଚଳାଉଥିବା ମିଶନ ଶକ୍ତି ମହିଳା ଗୋଷ୍ଠୀଙ୍କୁ ଲାଂଚ ମାଗିବା ଓ ନେବା ଅଭିଯୋଗରେ ବାରିପଦା ମ୍ୟୁନିସପାଲିଟି ସିଟି ମିଶନ ମ୍ୟାନେଜର ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ମ୍ୟୁନିସିପାଲଟିର ସିଟି ମିଶନ୍ ମ୍ୟାନେଜମେଂଟ ୟୁନିଟ୍ (ସିଏମଏମୟୁ)ର ମ୍ୟାନେଜର ମନୋରଂଜନ ପାଣିଗ୍ରାହୀ। ସୂଚନା ଅନୁଯାୟୀ ବାରିପଦା ଟାଉନ୍ ରେ ଗୋଟିଏ ଆହର କେନ୍ଦ୍ରକୁ ଖାଦ୍ୟ ଯୋଗାଇବା ପାଇଁ ରଘୁରାଜପୁର ସ୍ଥିତ ମାଆ ସନ୍ତୋଷୀ ସ୍ୱୟଂସହାୟକ ଗୋଷ୍ଠୀର (ଏସ୍ଏଚ୍ଜି) ମହିଳାମାନେ ମ୍ୟୁନିସିପାଲଟି ତରଫରୁ କାର୍ଯ୍ୟାଦେଶ ପାଇଥିଲା। ପରବର୍ତ୍ତୀ ସମୟରେ ଆହାର କେନ୍ଦ୍ରକୁ ଖାଦ୍ୟ ଯୋଗାଉଥିଲେ। ନିମ୍ନ ମାନର ଖାଦ୍ୟ ଥିବା ନେଇ ଅଭିଯୋଗ ହୋଇଥିଲା। ଏହା ପରେ ଉକ୍ତ ଏସ୍ଏଚ୍‌ଜିକୁ କଳା ତାଲିକାଭୁକ୍ତ କରିବାକୁ ମନୋରଂଜନ ପାଣିଗ୍ରାହୀ ଧମକ ଦେଇଥିଲେ। ହେଲେ କଳା ତାଲିକାଭୁକ୍ତ କରିନଥିଲେ। ପରିବର୍ତ୍ତି ସମୟରେ ଉକ୍ତ ଏସ୍ଏଚ୍‌ଜିର ୱାର୍କ ଅର୍ଡର୍ ରିନୁଆଲ୍ କରିବା ପାଇଁ ଲାଂଚ ମାଗିଥିବା ▶▶ପୃଷ୍ଠା ୭

ଗୋଟିଏ ଶିକ୍ଷାବର୍ଷରେ ୨ଥର ହେବ ବୋର୍ଡ ପରୀକ୍ଷା

ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ପିଲାଙ୍କୁ ପଢିବାକୁ ହେବ ୨ଟି ଭାଷା



ନୂଆଦିଲ୍ଲୀ,୨୧/୦୮ :ବୋର୍ଡ ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିବା ପିଲାଙ୍କ ପାଇଁ ବଡ ଖବର । ଶିକ୍ଷାମନ୍ତ୍ରଣାଳୟ ତରଫରୁ କୁହାଯାଇଛି କି ଏବେ ବୋର୍ଡ ପରୀକ୍ଷା ବର୍ଷକୁ ୨ଥର ଅନୁଷ୍ଠିତ ହେବ । ଏହାସହ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ପିଲାମାନେ ୨ଟି ଭାଷାରେ ପାଠ ପଢିବାକୁ ବାଧ । କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ତରଫରୁ ବୁଧବାର ଦିନ ନୂଆ ଶିକ୍ଷା ନୀତି ଅନୁରୂପ ଶିକ୍ଷା ପ୍ରଣାଳୀରେ ବଡ ପରିବର୍ତ୍ତନ ଘୋଷଣା କରିବି କହିଛନ୍ତି କି, ୨୦୨୪ ଶିକ୍ଷାବର୍ଷ ପାଇଁ ପାଠ୍ୟ ପୁସ୍ତକର ବିକଶିତ କରାଯିବ । ଏନେଇ ଶିକ୍ଷାମନ୍ତ୍ରଣାଳୟ ତରଫରୁ ନୂଆ ଶିକ୍ଷା ଢାଞ୍ଚା ଘେଶଷଣା କରାଯାଇଛି । ଏହି ନୂଆ ଶିକ୍ଷା ଢାଞ୍ଚା ମୁତାବକ ଏବେ ବର୍ଷକୁ ୨ଥର ବୋର୍ଡ ପରୀକ୍ଷା ହେବ । ଏହାସହ ବୋର୍ଡ ପରୀକ୍ଷାରେ ମାସ ମାସର କୋଚିଂ ଏବଂ ରୋଟ୍ ବଦଳରେ ଛାତ୍ରଛାତ୍ରୀଙ୍କ ▶▶ପୃଷ୍ଠା ୭

କଂଗ୍ରେସର ବଡ ଅଭିଯୋଗ : ୧୮ଟି ରାଜ୍ୟକୁ ମନରେଗା ଯୋଜନାର ବକେୟା ରାଶି ଦେଉନାହାଁନ୍ତି କେନ୍ଦ୍ର ସରକାର

ନୂଆଦିଲ୍ଲୀନୂଆଦିଲ୍ଲୀ,୨୩/୦୮ : କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କେନ୍ଦ୍ର ସରକାରଙ୍କୁ ପୁଣି ଟାର୍ଗେଟ୍ କରିଛନ୍ତି । ବୁଧବାର ଦିନ ଖଡଗେ ଦାବି କରିଛନ୍ତି କି, ମୋଦୀ ସରକାର ଏପର୍ଯ୍ୟନ୍ତ ୧୮ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶକୁ ମନରେଗା ଯୋଜନାରେ ୬,୩୩୬ କୋଟି ଟଙ୍କା ବକେୟା ରାଶି ପ୍ରଦାନ କରିନାହାଁନ୍ତି । ଖଡଗେ କହିଛନ୍ତି କି ୧୮ ବର୍ଷ ପୂର୍ବେ କଂଗ୍ରେସ ସରକାର ଦ୍ୱାରା ଆରମ୍ଭ କରାଯାଇଥିବା ପ୍ରମୁଖ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ମନରେଗା ଯୋଜନାକୁ ବି ବିଜେପି ସରକାର ଦୁର୍ବଳ କରିବାରେ ଲାଗିଛି । ୨୦୦୫ ମସିହା ଆଜିର ଦିନରେ କଂଗ୍ରେସ ସରକାର ଦେଶର କୋଟି କୋଟି ଗ୍ରାମୀଣ ଲୋକଙ୍କ ରୋଜଗାର ଅଧିକାରକୁ ସୁନିଶ୍ଚିତ କରିବାକୁ ମନରେଗା ଯୋଜନା ଲାଗୁ କରିଥିଲେ । ମନରେଗା ଯୋଜନାକୁ କେନ୍ଦ୍ର ସରକାର ଦୁର୍ବଳ କରୁଛନ୍ତି । ଏନେଇ ଖଡଗେ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ଲେଖିଛନ୍ତି କି, ବିଜେପି ସରକାର ଚଳିତ ବର୍ଷ ମନରେଗା ଯୋଜନାରେ ୩୩ ପ୍ରତିଶତ କାଟି ଦେଇଛନ୍ତି । ଏହାସହ ସରକାର ୧୮ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶକୁ ଚଳିତ ବର୍ଷ ୬.୩୩୬ କୋଟି ଟଙ୍କା ବକେୟା ରାଶି ପ୍ରଦାନ କରିନାହାଁନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଖଡଗେ କହିଛନ୍ତି କି କରୋନା ସମୟରେ ଯେତେବେଳେ ସରକାର କଟକଣା ଲଗାଇଲେ ସେତେବେଳେ ଗ୍ରାମୀଣ ଲୋକଙ୍କ ପାଇଁ ମନରେଗା ଯୋଜନା ସଞ୍ଜିବନୀ ଭଳି କାମ କରିଥିଲା ।

ସ୍କିମାଟିକ ଶିକ୍ଷକ ନିଯୁକ୍ତି ବାତିଲ କରି ନିୟମିତ ନିଯୁକ୍ତି କରିବାକୁ ପ୍ରାଥମିକ ଶିକ୍ଷକଙ୍କ ଦାବି

ଭୁବନେଶ୍ୱର, ୨୩/୦୮ (ନି.ପ୍ର): ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରେ ୭୦ ହଜାରରୁ ଅଧିକ ଶିକ୍ଷକ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ସରକାର ସ୍କିମରେ ନିଯୁକ୍ତି କରିବାକୁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି, ଏହାକୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା) ତରଫରୁ ତୀବ୍ର ବିରୋଧ କରାଯିବା ସହ ଖାଲି ପଡ଼ିଥିବା ପଦବୀରେ ନିୟମିତ ଶିକ୍ଷକ ନିଯୁକ୍ତି କରିବାକୁ ଦାବି କରାଯାଇଛି। ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି ସବୁ ବିଭାଗର କର୍ମଚାରୀମାନଙ୍କ ପାଇଁ ଅର୍ଥ ଥିବା ବେଳେ କେବଳ ପ୍ରାଥମିକ ଶିକ୍ଷା ଓ ଶିକ୍ଷକମାନଙ୍କ ପାଇଁ ଅର୍ଥ ନାହିଁ ବୋଲି ସରକାର ବାହାନା କରୁଛନ୍ତି। ଶିକ୍ଷାର ବ୍ୟୟବରାଦ ଆସ୍ତେ ଆସ୍ତେ ହ୍ରାସ କରି ଶିକ୍ଷାକୁ ଘରୋଇକରଣ ଆଡକୁ ନେଉଛନ୍ତି। ତିନିଦଫା ଦାବୀରେ ଗତବର୍ଷ ନଭେମ୍ବରରେ ସମସ୍ତ ପ୍ରାଥମିକ ଶିକ୍ଷକ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିଥିଲେ। ସରକାର ପ୍ରାଥମିକ ଶିକ୍ଷାରୁ ଠିକା ଉଚ୍ଛେଦ କରିବା ପରିବର୍ତେ ସରକାର ୨୦୧୭ ମସିହାରେ କଂଟ୍ରାକ୍ଚୁଆଲ ପଲିସିକୁ ଏପ୍ରିଲ ମାସରେ ସ୍କିମାଟିକକୁ ପରିବର୍ତନ କରିଛନ୍ତି, ଏହାକୁ ସଂଗଠନ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ସରକାର ତୁରନ୍ତ ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ ନିଯୁକ୍ତି ବାତିଲ କରି ନିୟମିତ ଶିକ୍ଷକ ନିଯୁକ୍ତି କରନ୍ତୁ, ଠିକାରେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକମାନଙ୍କୁ କଂଟ୍ରାକ୍ଚୁଆଲ ପଲିସି ଅନୁଯାୟୀ ନିୟମିତ କରାଯାଉ, ଠିକା କାର୍ଯ୍ୟକାଳକୁ ୬ ଓ ୮ଟି ଇନ୍‌କ୍ରିମେଂଟ ଦେଇ ମୂଳ ଚାକିରିରେ ଗଣନା କରାଯାଉ, ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ଦିଆଯାଉ ଓ ପୁରୁଣା ପେନ୍‌ସନକୁ ପୁନଃ ପ୍ରଚଳନ କରାଯାଉ। ପ୍ରାଥମିକ ଶିକ୍ଷକମାନଙ୍କ ନ୍ୟାୟୋଚିତ ଦାବୀକୁ ତୁରନ୍ତ ପୂରଣ ନକଲେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ବାଧ୍ୟ ହୋଇ ସମସ୍ତ ଶିକ୍ଷକ ସଂଘର ସମସ୍ତ ଶିକ୍ଷକମାନଙ୍କୁ ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବ। ପ୍ରାଥମିକ ଶିକ୍ଷାରେ ଉପୁଜିବା ପରିସ୍ଥିତି ପାଇଁ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦାୟୀ ରହିବ ବୋଲି ସଂଘ କହିଛି।

ଖବର ପ୍ରକାଶ ପରେ ଚେତିଲା ଏନ୍‌ଏଚ୍‌ଏଆଇ: ତମାଣ୍ଡୋ ଅଣ୍ଡରପାସ୍ କାମ ଆରମ୍ଭ

ଖଣ୍ଡଗିରି, ୨୪/୦୮ (ନି.ପ୍ର): ଅସରାଏ ବର୍ଷାରେ ଭାସୁଥିଲା ତମାଣ୍ଡୋ ଅଣ୍ଡରପାସ୍। ଗତ ୫ ବର୍ଷ ହେଲା ବର୍ଷା ଦିନେ ଏପରି ସ୍ଥିତି ଉପୁଜୁଥିଲେ ହେଁ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଏହାର ସ୍ଥାୟୀ ସମାଧାନ ପ୍ରତି ଦୃଷ୍ଟି ଦେଉ ନଥିଲା। କେବେ ୨ ବୋଝ ଚିପ୍ସ, ବଜୁରି ପକାଇ ତ କେବେ କଡ଼େଇଏ ସିମେଣ୍ଟ ଘୋଳା ପକାଇ କାମ ସାରି ଦେଉଥିଲା। ଏନେଇ ଖବର ପ୍ରକାଶ ପାଇବା ପରେ ଉକ୍ତ ରାସ୍ତାର ସ୍ଥାୟୀ ନିର୍ମାଣ କାମ ଆରମ୍ଭ ହୋଇଛି। ତମାଣ୍ଡୋ ବଜାର ଉପରେ କାଶୀପୁର, ବାଲିଆପାଳ, ନଂପୁଟୁ, ମହୁରା, ରେତଙ୍ଗ, ବାଲିଆପାଡ଼ା, ଯାଁଳା, ମଦନପୁର, ବଡ଼ରଘୁନାଥପୁର, ଅରିସଲ, କାଇମାଟିଆ, ଜାଗସରାପାଟଣା, ନାରଗୋଦା, ପାତ୍ରପଡ଼ା, କଳିଙ୍ଗବିହାରର ଲୋକେ ନିର୍ଭର କରୁଥିବାରୁ ଅଣ୍ଡରପାସ୍ ତଳେ ପାଣି ଜମିବା ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦାନା ବାନ୍ଧୁଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ୩ ଦିନ ହେବ ଏହାର କାମ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ ଯେ ଓଭରବ୍ରିଜ୍ ତଳ ରାସ୍ତାରୁ ଜଳ ନିଷ୍କାସନ ଏକ ପ୍ରମୁଖ ସମସ୍ୟା ଥିଲା। ବହୁବାର ଅଭିଯୋଗ ପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଠିକା ସଂସ୍ଥା ଏଆଇପିଏଲ ଦ୍ୱାରା ଉକ୍ତ ରାସ୍ତାର ଅସ୍ଥାୟୀ ମରାମତି କରାଯାଇଥିଲା। କିନ୍ତୁ କିଛି ଦିନ ପରେ ଉକ୍ତ ରାସ୍ତାଟି ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଗଲା। ଯାହାଦ୍ୱାରା ତମାଣ୍ଡୋ ବଜାର ଉପରେ ନିର୍ଭରଶୀଳ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଲେ। ସ୍ଥାନୀୟ ସରପଞ୍ଚ ସନ୍ଧ୍ୟା ଜେନାଙ୍କ କହିବା କଥା ପଞ୍ଚାୟତ ତରଫରୁ ପୁନର୍ବାର ଉକ୍ତ ସମସ୍ୟାକୁ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ଓ ଗଣମାଧ୍ୟମରେ ମଧ୍ୟ ଏନେଇ ଖବର ପ୍ରକାଶ ପାଇଥିଲା। ଦାବି ଅନୁଯାୟୀ ରାସ୍ତାକୁ ସମ୍ପୂର୍ଣ୍ଣ ରୂପେ ଖୋଳି ସ୍ଥାୟୀ ଭାବେ ନିର୍ମାଣ କରାଯାଉଛି। ଠିକା ସଂସ୍ଥାର ସୂଚନା ଅନୁଯାୟୀ ଏଥିପାଇଁ ପ୍ରାୟ ୧୫ ରୁ ୨୦ ଦିନ ସମୟ ଲାଗିବ। ତେଣୁ ଓଭରବ୍ରିଜ୍ ତଳ ରାସ୍ତା ଦେଇ ଗମନାଗମନ କିଛି ଦିନ ପାଇଁ ବନ୍ଦ ରହିବ।

ଶିଶୁ ମନ୍ଦିରକୁ ବଦାନ୍ୟ ବ୍ୟକ୍ତିଙ୍କ ୱାଟର ଫିଲଟର ପ୍ରଦାନ

ମାଲକାନଗିରି, ୨୪/୦୮ (ନି.ପ୍ର): ପିଲାଏ ମୁନ୍ଦାଏ ଉତ୍ତମ ସ୍ୱଚ୍ଛ ପାଣି ପିଇବା ଉଦେଶ୍ୟରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ସ୍ଥାନୀୟ ଚିତ୍ରକୋଣ୍ଡା ର ନନା ଦୋକାନ-ଜିତେନ୍ଦ୍ର ରାଉତ ଶ୍ରୋତପବୃତ୍ତ ଭାବରେ ବଡ଼ ଆକୁଆ ଫିଲଟର ପ୍ରଦାନ କରିଛନ୍ତି। ଆଜି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ତାଙ୍କ ମା ଉଷାରଣୀ ରାଉତ ଆନୁଷ୍ଠାନିକ ଭାବରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଗୁରୁଜୀ, ଗୁରୁମା ଏବଂ ଭାଇ ଭଉଣୀଙ୍କ ଉପସ୍ଥିତିରେ ବଡ଼ ଆକୁଆ ୱାଟର ଫିଲଟରଙ୍କୁ ଉଦଘାଟନ କରାଯାଇ ଶୁଭାରମ୍ଭ କରାଯାଇଅଛି ଫ ନନା ଦୋକାନ (ଜିତେନ୍ଦ୍ର ରାଉତ)ଙ୍କର ଉକ୍ତ ସମାଜ ମଙ୍ଗଳ ଦିଗରେ ସହଯୋଗର ହାତ ବଢ଼ାଇ ଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି । ସେଇଭଳି ଚିତ୍ରକୋଣ୍ଡା ଦୈନିକ ବଜାରର ଜୈନକ ବ୍ୟବସାୟୀ ଉତ୍ତମ ରାୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ପିଲାଙ୍କ ଶାରୀରିକ ବିକାଶ ନିମନ୍ତେ ଖେଳ ସାମଗ୍ରୀ ପ୍ରଦାନ କରିଛନ୍ତି କ୍ଷ ପ୍ରକାଶ ଥାଉକି ଦୀର୍ଘ ବର୍ଷ ଧରି ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଚିତ୍ରକୋଣ୍ଡା ଅଞ୍ଚଳ ବାସୀଙ୍କୁ ସୁନ୍ଦର ଭାବରେ ଉତ୍ତମ ଶିକ୍ଷା ଦାନ ସହ ଭଲ ମଣିଷ ଟିଏ ଗଠନ ଦିଗରେ ଆଗେଇ ଚାଲିଥିଲା,ଗୁରୁଜୀ ଗୁରୁମା ଙ୍କ କମ ପାରିଶ୍ରମକ ସତ୍ତ୍ୱ ମଧ୍ୟ ସମସ୍ତ ସରକାରୀ ବିଦ୍ୟାଳୟ କୁ ପଛରେ ପକାଇ ପ୍ରତେକ କ୍ଷେତ୍ରରେ ସଫଳତାର ସହ ଆଗେଇ ଚାଲିଆସୁଥିଲା ଉକ୍ତ ଶିଶୁ ମନ୍ଦିର ଟି କ୍ଷ କରୋନା ପରେ ଉକ୍ତ ବେସରକାରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଦ୍ୟାଳୟ ଟି ର ବହୁତ ପଛରେ ପଡ଼ି ରହିଥିଲା କ୍ଷ ଖୁବ କମ ଦିନ ହେଲା ଉକ୍ତ ବିଦ୍ୟାଳୟ ର ପରିଚାଳନା କମିଟି ପରିବର୍ତ୍ତନ ହେବା ପରେ ନୁର୍ତ୍ତନ ପରିଚାଳନା କମିଟି ଗଲା ତା ୧୫/୦୮/୨୦୨୩ ରିଖ ଦିନ ଚିତ୍ରକୋଣ୍ଡା ସମସ୍ତ ଜ୍ଞାନୀ ଗୁଣି ବୁଦ୍ଧିଯିବି କୁ ଡକାଇ ଏକ କର୍ମଶାଳା ମାଧ୍ୟମରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ବିକାଶ ପାଇଁ ଅଣ୍ଟା ଭିଡ଼ି ମୁଣ୍ଡ ଟେକିଛି, ସଭାପତି ଖିରୋଦ ବେହେରା, ସମ୍ପାଦକ ଶଶାଙ୍କ ଶେଖର କର, କୋଷାଧକ୍ଷ ହେମନ୍ତ ନାୟକ,ଉପ ସଭାପତି ଗୁରୁ ଚରଣ ଘଡ଼ାଇ,ଯୁଗ୍ମ ସମ୍ପାଦକ ମନୋଜ ପାତ୍ର ଏବଂ ବୈଦୁତିକ କମିଟି ସଦସ୍ୟ ରତ୍ନାକର ପ୍ରଧାନ, ହେମନ୍ତ କୁମାର ଭୂୟାଁ, ଦେବେନ୍ଦ୍ର ସାହୁ ଉତ୍ତମ ରାୟ ଏବଂ ଦେବେନ୍ଦ୍ର ଦାସ ଙ୍କ ମିଳିତ ଉଦ୍ୟମରେ ଏକ ଭାଇଚାରା ଭାବରେ ସହଯୋଗର ହାତ ବଢ଼ାଇ ଚିତ୍ରକୋଣ୍ଡା ର ବିଭିନ୍ନ ଜ୍ଞାନୀଗୁଣି, ବୁଦ୍ଧିଜୀବୀ, ପ୍ରଭାବଶାଳୀ ବ୍ୟକ୍ତି ତଥା ଅଧିକାରୀଙ୍କୁ ଏକତ୍ରିତ କରି ଏକ କର୍ମଶାଳା ମାଧ୍ୟମରେ ଆଲୋଚନା କରି ବିଦ୍ୟାଳୟ ର ବିକାଶ ନିମନ୍ତେ ସହଯୋଗ ମାଗିଥିଲେ । ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ସୁଶ୍ରୀ ରାଜେଶ୍ୱରୀ ଖିଲ , ଚିତ୍ରକୋଣ୍ଡା ବିଡ଼ିଓ ରଘୁନାଥ ମୁଣ୍ଡାରୀ, ଚିତ୍ରକୋଣ୍ଡା ସରପଞ୍ଚ ହରିମୋହନ ଖିଲ,ଚିତ୍ରକୋଣ୍ଡା ଥାନା ଅଧିକାରୀ ମୁକୁନ୍ଦ ମେଲେକା,ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ବଳରାମ ନାୟକ, ସହାୟକ ଯନ୍ତ୍ରୀ ସୂର୍ଯ୍ୟ ନାରାୟଣ ବେହେରା, ମାଟିବନ୍ଧ ଯୋଜନା ପ୍ରକଳ୍ପ ଏସଡିଓ ଉମା ଶଙ୍କର ସାହୁ, ବନପାଳ ମୁର୍ତ୍ତୁଞ୍ଜୟ ସେଠି, ଏସଏସଡି ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଙ୍କ ସମେତ ବହୁ ସରକାରୀ ତଥା ବେସରକାରୀ ଜ୍ଞାନୀଗୁଣି ଅଧିକାରୀ ଉପସ୍ଥିତ ରହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ବିକାଶ ନିମନ୍ତେ ଯଥା ସମ୍ଭବ ସହଯୋଗର ହାତ ବଢାଇବା ପାଇଁ ସହମତି ପ୍ରକାଶ କରିଥିଲେ । ବିଦ୍ୟାଳୟଟିର ବିକାଶ ପାଇଁ ଉତ୍ତମ ଶିକ୍ଷା ଦାନରେ ପରିବର୍ତ୍ତନ ଆଣି ସ୍ଥିତି ସୁଧାରିବା ନିମନ୍ତେ ଅଗ୍ରସର ହେବା ପାଇଁ ଆଲୋଚନା ହୋଇଥିଲା । ଉକ୍ତ ବିଦ୍ୟାଳୟ ର ବିକାଶ ପାଇଁ ବୈଠକ ହେବା ପରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କୁ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗର ହାତ ବଢ଼ିବାରେ ଲାଗିଛି ।

ବ୍ରଜରାଜନଗର ପୌରପାଳିକାରେ ହେଲା ଜନଶୁଣାଣି

ଝାରସୁଗୁଡ଼ା, ୨୪/୦୮ (ନି.ପ୍ର): ଜିଲ୍ଲାରେ ପ୍ରଥମ ଥର ପାଇଁ ଜନ ଅଭିଯୋଗ ଶୁଣାଣି ହେଲା ପୌର ପାଳିକାରେ । ଜିଲ୍ଲାପାଳ ଆବୋଲୀ ସୁନିଲ ନରଓ୍ୱଣେଙ୍କ ଅଧକ୍ଷତାରେ ବ୍ରଜରାଜନଗର ପୌର ପାଳିକାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି. ପରମାର , ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଡୋଳାମଣି ପଟେଲ, ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୮୩ଟି ଅଭିଯୋଗ ଶୁଣାଣି ହୋଇଥିଲା। ସାମୂହିକ ୭ଟି ଓ ବ୍ୟକ୍ତିଗତ ୭୬ଟି। ବନ୍ଧବାହାଲସ୍ଥିତ ମହାଦେବପଡ଼ା ଓ ବିରୁଆ ବସ୍ତିରେ ୯୦ଟି ପରିବାରକୁ ବିଦ୍ୟୁତି ସଂଯୋଗୀକରଣ, ୱାର୍ଡ ନମ୍ବର ୨୦ ରେମଜା ହରିଜନପଡ଼ାରେ କମ୍ୟୁନିଟି ହଲ ନିର୍ମାଣ, ଇଟାଭାଟିରେ ଅଙ୍ଗନବାଡ଼ି ଗୃହ ନିର୍ମାଣ, ବ୍ରଜରାଜନଗର ଟାଉନ ହାଇସ୍କୁଲରେ ଛାତ୍ରାବାସ ନିର୍ମାଣ ଓ ବ୍ରଜରାଜନଗର ବିକାଶ ମଂଚ ପକ୍ଷରୁ ବ୍ରଜରାଜନଗରରେ ବିବିଧ ଉନ୍ନୟନ ସକାଶେ ସାମୂହିକ ଦାବୀ ସମ୍ପର୍କିତ ଶୁଣାଣି କରାଯାଇଥିଲା।

ଡ଼େଙ୍ଗୁ ଓ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୨୪/୦୮ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ଜୁନିୟର ରେଡକ୍ରସ୍ ଶାଖା ତରଫରୁ ଡେଙ୍ଗୁ ଓ ମ୍ୟାଲେରିଆ ଜ୍ୱର ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାବଣାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଡ.ମନୋଜ କୁମାର ବିଶ୍ୱାଳ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଡେଙ୍ଗୁ ଓ ମ୍ୟାଲେରିଆ ଜ୍ୱର ବ୍ୟାପିବାର କାରଣ, ନିରାକରଣ ଓ ତାର ଲକ୍ଷଣ ଉପରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜୁନିୟର ରେଡକ୍ରସ ପରାମର୍ଶଦାତା ଯଜ୍ଞେଶ୍ୱର ପଣ୍ଡା କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ପ୍ରଦାନ କରିବା ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଜୁନିୟର ରେଡକ୍ରସ୍ ପରାମର୍ଶଦାତ୍ରୀ ଶୁଭସ୍ମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ବିଶ୍ୱ ରଞ୍ଜନ ଗୌଡ଼, ହିତକର ଚରତି, ନରେଶ କୁମାର ଷଡଙ୍ଗୀ, ସୁବର୍ଣ୍ଣ କୁମାରୀ ଖିଲ ଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଜେନାପୁର ଅଂଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ : ଅଣଦେଖା କରୁଛି ଜିଲା ପ୍ରଶାସନ

ଧର୍ମଶାଳା, ୨୪/୦୮ (ନି.ପ୍ର): ଯାଜପୁର ଜିଲାରେ ଜେନାପୁର ଥାନାର ଗୁରୁତ୍ୱ ରହିଛି । ଲଘୁ ଖଣିଜ ସମ୍ପଦ ପରିପୂର୍ଣ୍ଣ ଏହି ଅଂଚଳ । ଜେନାପୁର ଥାନାରେ ଥାନାଧିକାରୀ ନାହାନ୍ତି । ଯାହା ଫଳରେ ଏବେ ଲୁଟେରାଙ୍କ ଭୂସ୍ୱର୍ଗ ପାଲଟିଛି । ପାଖାପାଖି ୨ ମାସ ହେବ ଏଠାରେ ଅଧିକାରୀଙ୍କ ବିନା ଥାନା ଚାଲୁଛି । ଏବେ ଦିନକୁ ଦିନ ଚୋରୀ ଓ ଲୁଟେରାଙ୍କ ଉପଦ୍ରବ ବଢିବାରେ ଲାଗିଛି । ଯାହାକୁ ନେଇ ଏହି ଥାନା ଅଧନରେ ଥିବା ପଂଚାୟତର ଗ୍ରାମବାସୀ ଭୟଭିତ ହୋଇପଡିଛନ୍ତି । ପୂର୍ବରୁ ଧର୍ମଶାଳା ଥାନା ପକ୍ଷରୁ ଏହି ଅଂଚଳର ଦାୟିତ୍ୱରେ ରହିଥିଲା । ଅନ୍ୟପକ୍ଷରେ ଏଠାରେ ବହୁ କଳାପଥର ପାହାଡ ରହିଛି । ଦିନ ରାତି ଏକ କରି ଲୁଟେରାମାନେ ଏଠାରୁ କଳାପଥର ଲୁଟ କରିବା ଯାଜପୁର ଜିଲାରେ ସବୁ ବେଳେ ଚର୍ଚ୍ଚାରେ ରହି ଆସୁଥିଲା । ଯାହାକୁ ଦୃଷ୍ଟିରେ ରଖି ଜେନାପୁରକୁ ଥାନାରେ ପରିଣତ କରାଗଲା । ପାଖାପାଖି ୨ ମାସହେବ ଥାନାଧିକାରୀ ଭାବେ ଉମାକାନ୍ତ ନାୟକଙ୍କ ପଦୋନ୍ନତି ହେବା ପରେ ଏହି ସ୍ଥାନ ଖାଲି ପଡିଛି । ହେଲେ ଅଦ୍ୟାବଧି ନୂତନ ଥାନା ଅଧିକାରୀଙ୍କୁ ନିଯୁକ୍ତି ମିଳି ନାହିଁ । କେବଳ ଥାନା ଅଧିକାରୀ ନୁହନ୍ତି ଏପରିକି ବହୁ କର୍ମଚାରୀଙ୍କ ଅଭାବ ରହିଛି । ଥାନା ଅଧିକାରୀ ନ ଥିବାରୁ ରାତି ସମୟରେ ପାଟ୍ରୋଲିଂ ହେଉ ନ ଥିବା ବେଳେ ଅଂଚଳରେ ଲୁଟେରାମାନେ ସକ୍ରୀୟ ହୋଇ ପଡିଛନ୍ତି । ଦିନଦ୍ୱିପ୍ରହରରେ ଲୁଟପାଟ ହେଉଥିବା ବେଳେ ଚୋରି ଡକାୟତି ନୀତି ଦିନିଆରେ ଘଟଣାରେ ପରିଣତ ହେଲାଣି । ଏଭଳି ଗୁରୁତ୍ୱପୂର୍ଣ୍ଣ ଥାନାରେ ଅଧିକାରୀ ନ ଥିବାରୁ ଅଂଚଳରେ ଆଇନ ଶୃଙ୍ଖଳା ବିଗିଡିବାରେ ଲାଗିଛି । ଯାହାକୁ ନେଇ ଅଂଚଳବାସୀ ଜିଲା ପ୍ରଶାସନକୁ ଦାୟୀ କରିଛନ୍ତି । ଏ ଦିଗରେ ଯାଜପୁର ଆରକ୍ଷୀ ଅଧିକ୍ଷକ ତୁରନ୍ତ ଏହି ଥାନା ପ୍ରତି ନଜର ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ତେବେ ଜେନାପୁର ଥାନାରେ କେବେ ପଦବୀ ପୁରୁଣ ହେଉଛି ତାହା ସାଧାରଣ ଲୋକେ ଚାହିଁ ବସିଛନ୍ତି ।

ଶ୍ରୀଲୋକନାଥ ମନ୍ଦିରର ଉନ୍ନତିକରଣ: ଆରମ୍ଭ ହେଲା ୨୪.୯୯କୋଟିର ନିର୍ମାଣ କାର୍ଯ୍ୟ

ପୁରୀ, ୨୪/୦୮ (ନି.ପ୍ର): ନୂଆ ରୂପ ନେବ ଶ୍ରୀଲୋକନାଥ ମନ୍ଦିର। ଐତିହ୍ୟ ସହରର ବିକାଶ ଧାରାରେ ଯୋଡ଼ି ହେବ ଏହି ପ୍ରାଚୀନ ମନ୍ଦିର। ବହୁଦିନ ଧରି ଟେଣ୍ଡର ପ୍ରକ୍ରିୟା ବିଳମ୍ବ ଯୋଗୁ ଅଟକିଥିବା କାମ ଆରମ୍ଭ ହୋଇଛି। ୨୪.୯୯ କୋଟି ବ୍ୟୟରେ ମନ୍ଦିରର ବିକାଶ ସହ ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟୀକରଣ ହେବ। ଆସନ୍ତା ବର୍ଷ ଜୁନ ମାସ ସୁଦ୍ଧା କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଓବିସିସି, ରେଭେନ୍ୟୁ ଟିମ୍, କଣ୍ଟ୍ରାକ୍ଟରଙ୍କ ଉପସ୍ଥିତିରେ ତହସିଲଦାରଙ୍କ ଦ୍ୱାରା ଉନ୍ନୟନ ପାଇଁ ଜାଗା ଚିହ୍ନଟ ହୋଇଥିଲା। ସେଇ ଅନୁସାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପାର୍ବତୀ ସାଗରର ଜଳ ବିଶୋଧନ ସହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ବର୍ଷା ଦିନେ ପ୍ରଭୁ ଶ୍ରୀଲୋକନାଥଙ୍କ ମନ୍ଦିର ଜଳାର୍ଣ୍ଣବ ରହୁଥିବାରୁ, ଏହି ସମସ୍ୟା ଦୂର କରିବା ଲାଗି ଆଧୁନିକ ଜ୍ଞାନକୌଶଳ ଉପଯୋଗରେ ଡ୍ରେନେଜ୍ ବ୍ୟବସ୍ଥା କରାଯିବ। ମନ୍ଦିର ପରିସରସ୍ଥ ଚଟାଣରେ ଥିବା ପୁରୁଣା ପଥର କଢ଼ାଯାଇ ଖଣ୍ଡୋଲାଇଟ ପଥରରେ ପୁନଃନିର୍ମିତ ହେବ। ପାର୍ବତୀ ସାଗରର ପାଚେରି ଦୃଢ଼ କରିବା ପାଇଁ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ କରାଯିବ। ଚାରିପାର୍ଶ୍ୱରେ ୨୬୭ ମିଟରର ସୁଦୃଢ଼ ପାଚେରି ସହ ପୁଷ୍କରିଣୀର ବିଶୋଧନ କରାଯିବ। ପାହାଚ ମରାମତି, ଲ୍ୟାଣ୍ଡ ସ୍କେପିଂ, ଆଲୋକୀକରଣ ଓ ବସାଉଠା ପାଇଁ ସ୍ଥାନ ରହିବ। ହାରାହାରି ୧୭ ଏକର ପରିମିତ ଜାଗର ପଡ଼ିଆ ଅଞ୍ଚଳର ବିକାଶ ହେବ। ଚାରିପଟେ ବାଉଣ୍ଡରି କାନ୍ଥ ସହ ପାଦଚଲା ରାସ୍ତା ନିର୍ମିତ ହେବ। ଲ୍ୟାଣ୍ଡସ୍କେପିଂ ଜୋନ୍ ନିର୍ମିତ ହେବ। ଏହା ମଧ୍ୟରେ ଆଳଙ୍କାରିକ ଗଛ ସହ ଘାସ ଗାଲିଚା ରହିବ। ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଭଜନ ମଣ୍ଡପ ନିର୍ମିତ ହେବ। ମନ୍ଦିର ନିକଟରେ ବ୍ୟବସାୟ କରୁଥିବା ଦୋକାନୀମାନଙ୍କୁ ବ୍ୟବସ୍ଥିତ କରିବା ଲାଗି ମିନି ସପିଂ କମ୍ପ୍ଲେକ୍ସ ନିର୍ମିତ ହେବ। ଦୁଇ ଓ ଚାରି ଚକିଆ

ପାଇଁ ବିସ୍ତୃତ ପାର୍କିଂ ଅଞ୍ଚଳ ବ୍ୟବସ୍ଥିତ ହେବ। ସେବାୟତମାନଙ୍କ ପାଇଁ ସ୍ୱତନ୍ତ୍ର କକ୍ଷ ନିର୍ମିତ ହେବ। ଭକ୍ତମାନେ ଶୃଙ୍ଖଳିତ ଭାବେ ଦର୍ଶନ କରିବା ପାଇଁ ସ୍ଥାୟୀ ଧାଡ଼ି ବ୍ୟବସ୍ଥା କରାଯିବ। ଜୋତା ଓ ମୋବାଇଲ୍ ପାଇଁ ଏକ ଷ୍ଟାଣ୍ଡ ନିର୍ମିତ ହେବ। କୁଷ୍ଠାଶ୍ରମ ନିକଟରେ ଏକ ପ୍ରବେଶ ତୋରଣ ନିର୍ମିତ ହେବ। ଶିବ-ପାର୍ବତୀ-ବୃଷଭଙ୍କୁ ଏହି ତୋରଣରେ ସ୍ଥାନିତ କରାଯିବ। ଶୌଚାଳୟ ସହ ପାନୀୟ ଜଳ ପାଇଁ ବ୍ୟବସ୍ଥା କରାଯିବ। ମନ୍ଦିରକୁ ଯାଇଥିବା ୪୦୦ ମିଟର ରାସ୍ତାର ଉନ୍ନତୀକରଣ କରାଯିବା ସହିତ ୪ଟି ରାସ୍ତାର ବିକାଶ କରାଯିବ। ମନ୍ଦିରକୁ ସଂଯୋଗ ହୋଇଥିବା ୪ଟି ପ୍ରମୁଖ ରାସ୍ତାର ଉନ୍ନତୀକରଣ ମଧ୍ୟ କରାଯିବ। ଏନେଇ ଓବିସିସିର ପ୍ରକଳ୍ପ ମ୍ୟାନେଜର ପ୍ରଭାତ ପାଣିଗ୍ରାହୀ କହିଛନ୍ତି, ଠିକାସଂସ୍ଥା କାର୍ଯ୍ୟ ଆରମ୍ଭ କରିଦେଇଛି। ତେଣୁ ପ୍ରକଳ୍ପକୁ ଅଗ୍ରାଧିକାର ଭିତ୍ତିରେ ବର୍ଷେ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ରହିଥିବାରୁ ସେଇ ଅନୁଯାୟୀ ନିର୍ମାଣକାରୀ ସଂସ୍ଥାକୁ ଟାର୍ଗେଟ୍ ଦିଆଯାଇଛି। କାମ ଆରମ୍ଭ ହୋଇଯାଇଥିବାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସେ ?ନ୍ଦର୍ଯ୍ୟୀକରଣ କାର୍ଯ୍ୟ ସରିଯିବ ବୋଲି ଆଶାବାଦୀ ଥିବା ଶ୍ରୀ ପାଣିଗ୍ରାହୀ କହିଛନ୍ତି।

ଗଞ୍ଜେଇ ଚାଲାଣ ପୂର୍ବରୁ ଚଢ଼ଉ : ଜଣେ ଗିରଫ

ଗଞ୍ଜାମ, ୨୪/୦୮ (ନି.ପ୍ର): ଟ୍ରେନ୍ ଯୋଗେ ମୁମ୍ବାଇ ଗଞ୍ଜେଇ ଚାଲାଣ ଯୋଜନା ବେଳେ ଛତ୍ରପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଏକ ଟିମ୍ ଛତ୍ରପୁର ରେଳଷ୍ଟେସନରେ ଚଢ଼ଉ କରି ଜଣେ ଯୁବକକୁ ଗିରଫ କରିବାରେ ସଫଳ ହୋଇଛନ୍ତି । ଅଭିଯୁକ୍ତ ଜଣକ ହେଉଛି ଗୋଳନ୍ଥରା ଥାନା ଅଂଚଳର ସି.ଏଚ. ପାପେୟା ପାତ୍ର ଠାରୁ ୧୦୫ କେଜି ଓଜନର ଗଞ୍ଜେଇ ଓ ଏକ ବାଇକ୍ ଜବତ ହୋଇଛି । ପାପେୟା ଏହି ଗଞ୍ଜେଇ ଗଜପତି ଓ ଫୁଲବାଣୀରୁ ଆଣିଥିଲା । ମୁମ୍ବାଇ ଚାଲାଣ ପାଇଁ ସେ ଷ୍ଟେସନରେ ଟ୍ରେନ୍ କୁ ଅପେକ୍ଷା କରିଥିବା ବେଳେ ଅବକାରୀ ଅଧିକ୍ଷକ ଦେବୀପ୍ରସାଦ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଚଢ଼ଉ କରି ତାକୁ କାବୁ କରିଥିଲେ । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ୫ ହଜାର ଟଙ୍କା ହେବ ବୋଲି ଜଣାପଡିଛି ।

ଉତ୍ପାଦନ ବାଧାପ୍ରାପ୍ତ: ୩ ମାସ ହେଲା ଛତୁଆ ଯୋଗାଣ ବନ୍ଦ

ଭୁବନେଶ୍ୱର, ୨୪/୦୮ (ନି.ପ୍ର): ଚଳିତ ବର୍ଷ ଫେବୁଆରି ସୁଦ୍ଧା ରାଜ୍ୟର ୩୦ ହଜାର ୯୧୯ ଶିଶୁ ଉତ୍କଟ ଭାବରେ ଅପପୁଷ୍ଟିର ଶିକାର

କଂଚାଲଙ୍କା ଖାଆନ୍ତୁ ସୁସ୍ଥ ରୁହନ୍ତୁ

କଂଚାଲଙ୍କା ଖାଇବାକୁ କେହି କେହି ଖୁବ୍ ଭଲ ପାଉଥିଲେ ହେଁ କେହିକେହି ଏହାକୁ ରାଗ ଲାଗୁଥିବା ଯୋଗୁଁ କମ୍ ଖାଇଥାଆନ୍ତି। ଲଙ୍କା ରାଗ ସତ, କିନ୍ତୁ ଏହାର ଫାଇଦା ଅନେକ। ତେବେ ଆସନ୍ତୁ ଜାଣିବା ଲଙ୍କାର ସୁଗୁଣ ବିଷୟରେ-

- କଂଚାଲଙ୍କାକୁ କୌଣସି ବ୍ୟଞ୍ଜନରେ ପକାଇ ଖାଇବା ଅପେକ୍ଷା ଅଲଗା ଭାବେ ଖାଇବା ଅଧିକ ଲାଭପ୍ରଦ ହୋଇଥାଏ। କଂଚାଲଙ୍କାରେ ଆଂଟି ଅକ୍ସିଡେଣ୍ଟ ରହିଥାଏ, ଯାହା ଶରୀରରୁ ଚର୍ବି ହ୍ରାସ କରିବାରେ ସାହାଯ୍ୟ କରିଥାଏ।

- ଯଦି ଆପଣଙ୍କୁ ମ୍ୟାଲେରିଆ ଜ୍ୱର ହୋଇଛି ତେବେ କଂଚାଲଙ୍କାର ମଞ୍ଜି ବାହାର କରି ଅଙ୍ଗୁଠିରେ ବାନ୍ଧି ଦିଅନ୍ତୁ। ଏହାଦ୍ୱାରା ଜ୍ୱର ଆସିବା କିଛି ମାତ୍ରାରେ କମ୍ ହୋଇଯାଇଥାଏ।

-କଂଚାଲଙ୍କାରେ ଭିଟାମିନ-ସି ଥିବାରୁ ଏହା କ୍ୟାନ୍ସରରୁ ଦୂରେଇ ରହିଥାଏ। ତେଣୁ ପ୍ରତିଦିନ ଖାଇବା ବେଳେ କଂଚାଲଙ୍କା ଖାଇବାକୁ ଭୁଲନ୍ତୁ ନାହିଁ।

- ଆପଣ ଜାଣି ଆଶ୍ଚର୍ଯ୍ୟ ହେବେକି ଯଦି ଶରୀରରେ କୌଣସି ସ୍ଥାନରେ ଜଳାପୋଡ଼ା ହେଉଛି ତେବେସେ ସ୍ଥାନରେ କଂଚାଲଙ୍କାକୁ ବ୍ୟବହାର କରିପାରିବେ। କିନ୍ତୁ ଆର୍ଯ୍ୟୁବେଦ ଅନୁସାରେ ଲଙ୍କାରେ ଏପରି କିଛି ଗୁଣ ରହିଛି, ଯାହା ଆମମାନଙ୍କୁ ଅଗୋଚର। ଲଙ୍କାରେ ଟିକେ ପାଣି ଦେଇ ଏହାର ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଆପଣଙ୍କ ଶରୀରରେ ଜଳୁଥିବା ସ୍ଥାନରେ ଲଗାନ୍ତୁ। ଦେଖିବେ ଏଥିରେ ଥିବା ଆଂଟି-ଅକ୍ସିଡେଂଟଣ୍ଟ କ୍ଷେତକୁ ଭଲ କରି ଦେଇଥାଏ।

- ଯଦି ଆପଣ ଦୁଃଖରେ ଅଛନ୍ତି, ତେବେ କଂଚାଲଙ୍କା ଖାଆନ୍ତୁ। ଏହା ଶୁଣି ଆପଣଙ୍କୁ ହୁଏତ ବିଶ୍ୱାସ ନ ଆସିପାରେ କିନ୍ତୁ କଥାଟି ସତ। ଦୁଃଖରେ ଥିବା ସମୟରେ ଆପଣ ଯଦି ଲଙ୍କା ଖାଉଛନ୍ତି ତେବେ ଦେଖିବେ ଆପଣଙ୍କ ମନଖୁସି ହୋଇଯିବ।

ରକ୍ଷାକବଚ ମାଛ

ସବୁ ବର୍ଷ ଦିଲ୍ଲୀବାସୁଙ୍କୁ ଡେଙ୍ଗୁ-ମ୍ୟାଲେରିଆ ରୋଗରୁ ରକ୍ଷା କରିବା ପାଇଁ ଦିଲ୍ଲୀ ସ୍ୱାସ୍ଥ୍ୟ ବିଭାଗ ଏକନିଆରା ପଦକ୍ଷେପ ନେଇଛି। ସ୍ୱାସ୍ଥ୍ୟ ବିଭାଗ ଏବେ ମଶାମାନଙ୍କ ବଂଶବୃଦ୍ଧିକୁ ମୂଳରୁ ନାଶ କରିବା ପାଇଁ ଏକ ମାଛର ସାହାରା ନେବାକୁ ଯାଉଛନ୍ତି। ଏହି ମାଛର ନାଁ ଗମ୍ବୁଜିଆ ଯାହାର ପସନ୍ଦର ଖାଇବା ହେଉଛି ମଶାମାନଙ୍କ ଡିମ୍ବ। ଦିଲ୍ଲୀକୁ ମଶା ଆତଙ୍କରୁ ରକ୍ଷା କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଏହି ମାଛର ଏକ ଫୌଜକୁ ତିଆରି କରିବାକୁ ନିଷ୍ପତ୍ତି ନେଇଛି। ଦିଲ୍ଲୀର ଜାକିର ହୁସେନ୍ କଲେଜ ଏବଂ ସିଭିଲ ଲାଇସେନ୍ସରେ ଏକ ପୋଖରୀରେ ଏହି ମାଛମାନଙ୍କୁ ଛଡ଼ାଯାଇଅଛି। ପ୍ରାରମ୍ଭିକ ସ୍ତରରେ ଦିଲ୍ଲୀର ୧୨ଟି ଜୋନରୁ ୫୦ରୁ ଅଧିକ ସ୍ଥାନରେ ଏହି ମାଛମାନଙ୍କୁ ଛାଡ଼ିବାର ଯୋଜନା ରହିଛି। ଯେତେ ଶୀଘ୍ର ମଶାମାନଙ୍କ ବଂଶବୃଦ୍ଧି ହୁଏ ଠିକ୍ ସେହିପରି ଏହି ମାଛମାନଙ୍କ ମଧ୍ୟ ହୁଏ ଏବଂ ମାଛମାନେ ମଶାମାନଙ୍କ ଡିମ୍ବକୁ ଖାଇ ବଢ଼ିଥାନ୍ତି।

ମା'କ୍ଷୀର ଭଲ କରିବ କ୍ୟାନ୍ସର

ମା' କ୍ଷୀରରୁ ବୈଜ୍ଞାନିକମାନେ କ୍ୟାନ୍ସର ଭଲ କରିବାରର ଉପାଦାନ ପାଇ ଯାଇଛନ୍ତି। ଏହ ଉପାଦାନ ଟ୍ୟୁମର କୋଷିକାକୁ ନିପାତ କରିପାରେ। ଏହାକୁ ସେମାନେ 'ହାମଲେଟ' ବୋଲି ନାମିତ କରିଛନ୍ତି। 'ହାମଲେଟ' ଭଲ କୋଷିକାକୁ କୌଣସି କ୍ଷତି ନପହଂଚାଇ କ୍ୟାନ୍ସର ଗ୍ରସ୍ତ କୋଷିକାକୁ ନଷ୍ଟ କରିପାରିବ ବୋଲି ଗବେଷକମାନେ କହିଛନ୍ତି। କ୍ୟାନ୍ସର ରୋଗୀଙ୍କ ଶୃରୀରରେ 'ହାମଲେଟ୍'କୁ ଇଞ୍ଜେକ୍ସିନ ମାଧ୍ୟମରେ ଦେବାର କିଛି ଦିନ ମଧ୍ୟରେ ଏହା କାମ କରିଥାଏ।

ବ୍ଲାଡ଼ର କ୍ୟାନ୍ସରରେ ପୀଡ଼ିତ ଲୋକଙ୍କ ଉପରେ ଏହାର ପରୀକ୍ଷଣରୁ ସନ୍ତୁଷ୍ଟଜନକ ପରିଣାମ ମିଳିଛି। ଗବେଷକମାନେ ଅନୁମାନ କରିଛନ୍ତି ଯେ, ହାମଲେଟ ବାଓ୍ୱେଲ କ୍ୟାନ୍ସର ଓ ସର୍ଭିକାଲ କ୍ୟାନ୍ସର କ୍ଷେତ୍ରରେ ବି ଲାଭଦାୟକ ବେହ। ପ୍ରଫେସର କ୍ୟାଥରିନା ସାଭନବର୍ଗ ଏହି ତଥ୍ୟ ଆବିଷ୍କାର କରିଛନ୍ତି। ସ୍ୱିଡ଼େନର ଲୁଣ୍ଡ ବିଶ୍ୱବିଦ୍ୟାଳୟରେ ଇମିନୋଲଜିଷ୍ଟ ପ୍ରଫେସର ଭାବେ କାମ କରୁଥିବା ସାଭନବର୍ଗ କହିଛନ୍ତି, ମା' କ୍ଷୀରରେ ଏକ ପ୍ରୋଟିନ ରହିଛିଯାହାକୁ ଆଇଫାଲା - କଟାଲବୁମିନ କୁହାଯାଏ। ଏହାହିଁ ପରବର୍ତ୍ତୀ ସମୟରେ ଅନ୍ତନଳୀରେ କ୍ୟାନ୍ସର ସହିତ ଲଢ଼ିବାଅର ଉପାଦାନ ପାଲଟିଯାଏ।

ଦିଲ୍ଲୀ ଚିଡ଼ିଆଖାନାର ପୁରୁଣା ବାସିନ୍ଦା

୫୬ ବର୍ଷରେ ପ୍ରଥମ ଥର ରୀତାଙ୍କ ଜନ୍ମଦିନ ବଡ଼ ଧୁମଧାମରେ ପାଳନ କରାଯିବ। ରୀତା କେବେ ଜନ୍ମ ଗ୍ରହଣ କରିଥିଲେ ତାହା କେହି ଜାଣନ୍ତି ନାହିଁ। କେବଳ ଏତିକି ଜଣାଯେ ସେ ଦିଲ୍ଲୀ ଚିଡ଼ିଆଖାନାରେ ସବୁଠୁ ପୁରୁଣା ସଦସ୍ୟ। ଚିଡ଼ିଆଖାନାର ଏକମାତ୍ର ସିମ୍ପାଜି 'ରୀତା'କୁ ୧୯୬୪ ମସିହାରେ ଅମଷ୍ଟରଡ଼ାମରୁ ଅଣାଯାଇଥିଲା। ଏବେ ତାକୁ ବୟସ ହୋଇଗଲାଣି। ତେଣୁ ପୂର୍ବପରି ତାକୁ ଆଉ କେହି ଦେଖିବାକୁ ଆସୁନାହାନ୍ତି। କିନ୍ତୁ ଚିଡ଼ିଆଖାନା ସହିତ ତା'ଣ ଦୀର୍ଘଦିନର ସମ୍ପର୍କ ତଥା ମାନବ ପରି ଗୁଣ ତାକୁ ସମସ୍ତଙ୍କ ହୃଦୟରେ ଖାସ୍ ସ୍ଥାନ ଦେଇଛି। ରୀତା ଏବେ ଚିଡ଼ିଆଖାନାର ଏକମାତ୍ର ସିମ୍ପାଜି। ତାର ସାଥୀ ମ୍ୟାକ୍ସକୁ ଜୟପୁର ଚିଡ଼ିଆଖାନାକୁ ପଠାଇ ଦିଆଯାଇଛି। ବନ୍ୟଜନ୍ତୁ ସଂରକ୍ଷଣ ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଜନ୍ମଦିନ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

କିଡ୍‌ନୀ ବିକିବା ପାଇଁ ଅନୁମତି ଲୋଡ଼ିଲେ ଶ୍ରମିକ

ଜଣେ ଗରିବ ଶ୍ରମିକଙ୍କୁ ପୁଅର ଚିକିତ୍ସା ପାଇଁ ଋଣ ବୋଝ ଏତେ ବାଧିଛି ଯେ ସେ ଏବେ ନିଜ କିଡନୀ ବିକିବା ପାଇଁ ଅନୁମତି ଲୋଡ଼ିଛନ୍ତି ଜିଲ୍ଲାପାଳଙ୍କର। ମଙ୍ଗଳବାର କୃଷକ ଜଣକ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଂଚିବା ଏବଂ ଏହି ଅନୁରୋଧ କରବା ରାଜ୍ୟ ସରକାର ଓ ପ୍ରଶାସନିକୁ ଦୃଢ଼ ଚିନ୍ତାରେ ପକାଇଛି।

ଡୋମରି ଅଂଚଳରେ ରହୁଥିବା ମଙ୍ଗଳ ପ୍ରସାଦ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ତାଙ୍କ ବଡ଼ପୁଅ ଟିବିରେ ଆକ୍ରାନ୍ତ ହୋଇଥିଲା ବେଳେ ତା'ର ଚିକିତ୍ସା ପାଇଁ ମଙ୍ଗଳ ବିଭିନ୍ନ ଲୋକଙ୍କ ଠାରୁ ଋଣ କରିଥିଲେ। ଏବେ ଋଣ ଭାର ଏତେ ବଢ଼ିଯାଇଛି ଯେ ମଙ୍ଗଳ ତାକୁ କିପରି ପୈଠ କରିବେ ସେହି ଚିନ୍ତାରେ ଅଛନ୍ତି। ଆଉ ଅର୍ଥ ଦେଇଥିବା ଲୋକମାନେ ମଧ୍ୟ ତାଙ୍କୁ ନାନା ପ୍ରକାର ହଇରାଣ କରୁଛନ୍ତି। ଏଥିରେ ଭୟଭୀତ ମଙ୍ଗଳ ଜିଲ୍ଲାପାଳ ଯୋଗେଶ୍ୱର ରାମ ମିଶ୍ରଙ୍କୁ ଭେଟି କିଡନୀ ବିକିବାର ଅନୁରୋଧ କରିଥିଲେ ଏଥିସହ ସେ ଏକ ପତ୍ର ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଦାନ କରିଛନ୍ତି।

ପେଡ଼ାଲ ମାରିଲେ ସାଇକେଲ ଦେବ ସ୍ୱଚ୍ଛ ପବନ

ଭାରତ ନୁହେଁ, ବିଶ୍ୱର ଅନେକ ରାଷ୍ଟ୍ର ଏବେ ପ୍ରଦୂଷଣ ହ୍ରାସ ଉପରେ ଜୋର ଦେଉଛନ୍ତି। ଏଥିପାଇଁ ଅନେକ ପ୍ରକାରର ଉଦ୍ୟମ ମଧ୍ୟ କରାଯାଉଛି। ଏହି କ୍ରମରେ ଚୀନର ଏକ ଷ୍ଟାର୍ଟଅପ୍ ସ୍ମୋଗ ଫ୍ରି ବାଇସାଇକେଲ ତିଆରି କରିବାକୁ ଯାଉଛି। କୁହାଯାଉଛି ଯେ ଏହି ସାଇକେଲ ଚଳାଇଲେ ବାୟୁମଣ୍ଡଳ ପରିଷ୍କାର ରହିବ ଏବଂ ପେଡ଼ାଲ ମାରିବା ସମୟରେ ସାଇକେଲର ଚାରିପଟୁ ସ୍ୱଚ୍ଛ ପବନ ବୋହିବ। ବିଶେଷ କଥା ହେଉଛି ଟ୍ରାଫିକର ଭିଡ଼ ଏବଂ ପ୍ରଦୂଷଣକୁ ମୁକାବିଲା କରିବାରେ ଏହା ବଡ଼ ସହାୟକ ହେବ। ଏହି ସାଇକେଲ ତିଆରି ପାଇଁ ନିକଟରେ କମ୍ପାନୀ ସରକାରଙ୍କ ସହ ଏକ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛି। ଏହି ପ୍ରକଳ୍ପର ଡିଜାଇନର ଡାନ୍ ରୁଜଗାର୍ଡ଼ଙ୍କ ଦ୍ୱାରା ପ୍ରଦୂଷଣ ସ୍ତର ହ୍ରାସ ପାଇଁ ଚାଲିଥିବା ଯୋଜନାର ଅଂଶ ବିଶେଷ ଅଟେ।

ମିଳିବ ଅଂଟା ଯନ୍ତ୍ରଣାରୁ ମୁକ୍ତି

ଅଧିକ ସମୟ ବସି କାର୍ଯ୍ୟ କରିବା, ଠିଆ ହେବା, ଏକୁଟିଆ ଭୁଲ୍ ଉପାୟରେ ଓଜନିଆ ଜିନିଷ ଉଠାଇବା କାରଣରୁ ଅଣ୍ଟା ବ୍ୟଥା ହୋଇପାରେ। ଅଣ୍ଟା ବ୍ୟଥାର ଅନେକ କାରଣ ହୋଇପାରେ। କିନ୍ତୁ ଅଧିକାଂଶ ମାଂସପେଶୀରେ ଟାଣିହେବା ସ୍ପାଇନାଲ କର୍ଡ଼ ହାଡ଼ରେ ଯନ୍ତ୍ରଣା ହେବା ସହ ଅଂଟା ବ୍ୟଥା ହୋଇଥାଏ। ଯଦି ନିଜ ଦୈନନ୍ଦିନ ଅଭ୍ୟାସକୁ ପରିବର୍ତ୍ତନ କରିପାରନ୍ତି ଅଂଟ ବ୍ୟଥାରୁ ଦୂରେଇ ରହିବେ। ଭଲ ନିଦ ପାଇଁ ଅନେକ ଲୋକ ତକିଆ ବ୍ୟବହାର କରିଥାନ୍ତି। କିନ୍ତୁ ପାଦର ତଳ ଭାଗରେ ତକିଆ ରଖିବା ଦ୍ୱାରା ନିଦ ଭଲ ହୋଇଥାଏ, ଏବଂ ଅଂଟା ବ୍ୟଥାରୁ ଆରାମ ମିଳିଥାଏ। ପାଦ ତଳେ ତକିଆ ରଖିବା ଦ୍ୱାରା ଅଣ୍ଟା ଉପରେ ଚାପ କମ୍ ପଡ଼ିଥାଏ। ଏକ୍ସପର୍ଟଙ୍କ କହିବାନୁସାରେ ପିଠିମାଡ଼ି ଶୋଇବା ସମୟରେ ପ୍ରାୟ ୫୫ପାଉଣ୍ଡ ଓଜନ ମେରୁ ଉପରେ ରହିଥାଏ। ଯଦି ଆଣ୍ଠୁ ତଳେ ତକିଆ ରଖାଯାଏ, ମେରୁଦଣ୍ଡ ଉପରେ ପଡୁଥିବା ଓଜନ ଅଧା ହୋଇ ଯାଇଥାଏ। ହାଡ଼ ସମ୍ବନ୍ଧିତ ସମସ୍ୟାରୁ ବର୍ତ୍ତିବାକୁ ହେଲେ, ନିଜ ଖାଦ୍ୟପେୟର ଧ୍ୟାନ ରଖିବା ଉଚିତ। କ୍ୟାଲସିୟମ ଭିଟାମିନ-ଡି ଯୁକ୍ତ ଆହାର ନିଅନ୍ତୁ। କ୍ୟାଲସିୟମ ପାଇଁ କ୍ଷୀର, ଦହି, ପନୀର ବ୍ୟତୀତ ସବୁଜ ପରିବା ଲାଭଦାୟକ। ଡାକ୍ତରଙ୍କ ପରାମର୍ଶ କ୍ରମେ ଭିଟାମିନ୍ ସପ୍ଲିମେଣ୍ଟ ନେଇପାରନ୍ତି।

ପାଚନ କ୍ରିୟା ଠିକ୍ କରେ ମଣ୍ଡୁକାସନ

ପ୍ରଥମେ ଆସନ ଉପରେ ସୁପ୍ତ ବଜ୍ରାସନ ମୁଦ୍ରାରେ ବସନ୍ତୁ। ଡାହାଣଗୋଡ଼ ଉପରେ ଅଧିକ ଭାର ଦେଇ ବାମ ପାଦକୁ ନିତମ୍ବର ବାମ ପାଖକୁ ନନିଅନ୍ତୁ। ଏବେ ଶରୀର ଭାର ବାମ ପାଖକୁ ଦେଇ ଡାହାଣ ପାଦକୁ ଡାହାଣ ପାଖକୁ ନିଅନ୍ତୁ। ଦୁଇ ହାତକୁ ଭୂମି ଉପରେ ରଖି ତା' ଉପରେ ସମସ୍ତ ଶରୀରର ଭାର ରଖିବାକୁ ଚେଷ୍ଟା କରନ୍ତୁ। କଷ୍ଟ ଲାଗିଲେ ମଧ୍ୟ ଦୁଇ ହାତ ଦୁଇ ପାଖରେ ଭୂମି ଉପରେ ରଖି ଶରୀରର ଭାର ସମ୍ଭାଳନ୍ତୁ ଓ ଦୁଇ ଆଣ୍ଠୁକୁ ପୃଥକ କରନ୍ତୁ। ବାମ ଆଣ୍ଠୁ ବାମକୁ ଓ ଡାହାଣ ଆଣ୍ଠୁ ଡାହାଣକୁ ଘୁଂଚାନ୍ତୁ। ଯେତେ ସମ୍ଭବ ଦୁଇ ଆଣ୍ଠୁ ପରସ୍ପର ଠାରୁ ଦୂରେଇ ରଖନ୍ତୁ। ଦୁଇ ହାତ ପାପୁଲି ଦୁଇ ଆଣ୍ଠୁ ଉପରେ ରଖନ୍ତୁ। ମେରୁଦଣ୍ଡ ଯେପରି ସିଧା ରହିବ। ଶ୍ୱାସ ପ୍ରଶ୍ୱାସ ସ୍ୱାଭାବିକ ରହିବା ଉଚିତ। ଦୃଷ୍ଟିସାମନାକୁ ରହିବା ଉଚିତ। ୮ ରୁ ୧୦ ସେକେଣ୍ଡ ଏହି ସ୍ଥିତିରେ ରହି ବିଶ୍ରାମ ନେଇ ପୁଣି ପୁନରାବୃତ୍ତି କରନ୍ତୁ। ଏହାକୁ କଲାବେଳେ ଦୁଇ ହାତ ଓ ବେକ ସିଧା ରହିବା ଉଚିତ୍। ଯେପରି ଅଂଟା ବାଙ୍କିବ ନାହିଁ। ଏହାକୁ କରିବା ଦ୍ୱାରା ନିତମ୍ବର ଶୋଭା ବୃଦ୍ଧି ପାଇବ,ଜଙ୍ଘ, ନିତମ୍ବ, ଗୋଡ଼, ପ୍ରଜନନ ଅଙ୍ଗ ସୁସ୍ଥ ସବଳ ରହିବ, ଯୌନ କ୍ଷମତା ବଢ଼ିବ, ଅର୍ଶ କଷ୍ଟରୁ ଆରାମ ମିଳିବ, ପାଚନ କ୍ରିୟା ଅଧିକ ସକ୍ରିୟ ହେବା ସହିତ ସ୍ତ୍ରୀ,ପୁରୁଷ ଉଭୟଙ୍କର ଅଣ୍ଟା ଅଂଶରୁ ସ୍ନାୟୁମଣ୍ଡଳ ସୁସ୍ଥ ସବଳ ରହିଥାଏ।

ସନ୍ଧାନୀ ଆପ୍

ହାଇଦ୍ରାବାଦ ସ୍ଥିତ ଭାରତୀୟ ଜାତୀୟ ସାମୁଦ୍ରିକ ସୂଚନା ସେବାକେନ୍ଦ୍ର ପକ୍ଷରୁ ଏକ ନୂଆ ମୋବାଇଲ୍ ଆପ୍ ବିକଶିତ କରାଯାଇଛି। 'ସାରାଟ୍' ଭାବେ ଏହା ନାମିତ। ଗଭୀର ସମୁଦ୍ରରେ ଚଉଷଠି ପ୍ରକାର ଅନୁସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ଏହାକୁ ଉପଯୋଗ କରିହେବ। ଏହା ଦ୍ୱାରା ଠିକଣା ସମୟରେ ଧନ-ଜୀବନ ସମ୍ପର୍କରେ ସୂଚନା ମିଳିବା ସହ ସେଗୁଡ଼ିକ ସୁରକ୍ଷିତ ରଖିହେବ। ସମୁଦ୍ର ତଟରକ୍ଷୀବାହିନୀ, ଭାରତୀୟ ନୌସେନା ତଥା ସମୁଦ୍ରକୂଳ ପୋଲିସକୁ ଏହି ଆପ୍ ଅତ୍ୟନ୍ତ ସହାୟକ ହେବ।

ସୂର୍ଯ୍ୟଙ୍କ ଅସ୍ତିତ୍ୱ ଶେଷ ହେବାପରେ ମଧ୍ୟ ଜୀବିତ ରହିବ ଏହି ପ୍ରାଣୀ

ସମୁଦ୍ରର ୧୩ହଜାର ଫୁଟ୍ ଗଭୀରାରେ ଟାରଡିଗ୍ରେଡ୍ ପ୍ରଜାତିର ପ୍ରାଣୀ ଦେଖାଯାଏ। ୧୭୭୭ରେ ଜନୈକ ଆମେରିକୀୟ ବିଶେଷଜ୍ଞ ଏହି ପ୍ରାଣୀକୁ ଠାବ କରିଥିଲେ। ବର୍ତ୍ତମାନ ସୁଦ୍ଧା ଏହି ପ୍ରାଣୀର ୧,୧୫୦ଟି ପ୍ରଜାତି ଠାବ ହୋଇଛି। ୮ଟି ଗୋଡ଼ ଥିବା ଏହି ପ୍ରାଣୀ ଉପରେ ଗତ ୧୦ବର୍ଷହେଲା ଜାପାନୀ ବିଶେଜ୍ଞେ ଦଳ ଗବେଷଣା କରୁଛନ୍ତି। ମୁଖ୍ୟ ବିଶେଷଜ୍ଞଙ୍କ କହିବାନୁସାରେ ଏହି ପ୍ରାଣୀ ସୂର୍ଯ୍ୟଙ୍କ ଅସ୍ତିତ୍ୱ ଶେଷ ହେବାପରେ ମଧ୍ୟ ଜୀବିତ ରହିବ। ଅତି କମରେ ୧୦କୋଟି ବର୍ଷ ଗଭୀର ପାଣିରେ ଏହି ପ୍ରାଣୀ ବେଶ୍ ଆରାମରେ ଜୀବନ ଅତିବାହିତ କରିବ।

ରାଶି ଅନୁଯାୟୀ ଦାନ

ରାଶି ଅନୁଯାୟୀ ଦାନକଲେ ଲାଭ, ସୁଖ, ଶାନ୍ତି ପ୍ରାପ୍ତ ହୋଇଥାଏ। ଏହାବ୍ୟତୀତ ଘରକୁ ନକାରାତ୍ମକ ଶକ୍ତିର ପ୍ରଭାବ ମଧ୍ୟ କମିଯାଇଥାଏ। ତେବେ ଆସନ୍ତୁ ଜାଣିବା କେଉଁ ରାଶିର ବ୍ୟକ୍ତି କ'ଣ ଦାନ କରିବା ଉଚିତ୍। ମେଷ ରାଶି ବ୍ୟକ୍ତି ମୁସ୍ତ ହସ୍ତ ଓ ସ୍ୱଚ୍ଛ ମନରେ ତମ୍ବା ବସ୍ତୁ ଦାନକଲେ ଅଶେଷ କୃପା ଅର୍ଜନ କରିପାରିବେ। ସେହିପରି ବୃଷଭ ରାଶି ବ୍ୟକ୍ତି ଚାନ୍ଦି, ମିଥୁନ ରାଶି ବ୍ୟକ୍ତି ହଳଦିଆ ବସ୍ତ୍ର, କର୍କଟ ରାଶି ବ୍ୟକ୍ତି ଧଳା ରଙ୍ଗର ରେଶମ ବସ୍ତ୍ର, ସିଂହ ରାଶି ବ୍ୟକ୍ତି ଗୁଡ଼ ଓ ଗହମ କନ୍ୟା ରାଶି ବ୍ୟକ୍ତି ଗୋଟା ମୁଗ, ତୁଳା ରାଶି ବ୍ୟକ୍ତି ଗୁଡ଼, ବିଛା ରାଶି ବ୍ୟକ୍ତି ଲାଲ ରଂଗର ବସ୍ତ୍ର, ଧନୁ ରାଶି ବ୍ୟକ୍ତି ସ୍ୱର୍ଣ୍ଣ, ମକର ରାଶି ବ୍ୟକ୍ତି କମ୍ବଳ, କୁମ୍ଭରାଶି ବ୍ୟକ୍ତି ଘୃତ ଓ ମୀନ ରାଶି ବ୍ୟକ୍ତି ଚଣା ଡାଲି ଦାନକଲେ ପରିବାରରେ ଶାନ୍ତି ଓ ନକାରାତ୍ମକ ଶକ୍ତିଠାରୁ ବ୍ୟକ୍ତି ନିଜକୁ ସୁରକ୍ଷିତ କରିପାରିଥାଏ। ପରମାତ୍ମା ଓ ପିତୃପୁରୁଷ ମଧ୍ୟ ପ୍ରସନ୍ନ କରିବା ସହ ଆତ୍ମାକୁ ଶାନ୍ତି ମିଳିଥାଏ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଖାଡ୍‌ଗେଙ୍କ ଭରସା...

ମଲ୍ଲିକାର୍ଜୁନ ଖାଡ୍‌ଗେ- କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଜଣେ ପୁରୁଖା ନେତା। ଜୀବନରେ ଅନେକ ଘାତ ପ୍ରତିଘାତକୁ ସାମ୍ନା କରି ଆଜିକା ସମୟର ଏଇ ପଦବୀରେ ଆସୀନ ହୋଇଛନ୍ତି; ଆଗକୁ ବହୁ ପଥ ଅତିକ୍ରମ କରାଇବାକୁ ଅଛି ତାଙ୍କୁ ନିଜର ଦଳକୁ । ଏକଦା ଲୋପ ପାଇ ଯାଉଥିବା ଭଳି ମନେ ହେଉଥିବା କଂଗ୍ରେସରେ ସେ ନୂଆ ଜୀବନ ସଂଚାର କରିବା ଭଳି ମନେ ହେଉଛି ଏବେ । ସର୍ବଭାରତୀୟ କଂଗ୍ରେସ କମିଟି (ଏଆଇସିସି)ର ସଭାପତି ଭାବରେ ନିର୍ବାଚିତ ହେବାର ୧୦ ମାସ ପରେ ନିକଟରେ ସେ ଏକ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ଗଠନ କରିଛନ୍ତି। ଏହା ସୂଚାଇ ଦେଇଛି ଯେ ବିରୋଧୀମାନଙ୍କ ଦ୍ୱାରା ନବଗଠିତ 'ଇଣ୍ଡିଆ' ମେଣ୍ଟର ଏକ ନେତୃତ୍ୱ ପ୍ରଦାନକାରୀ ଖେଳାଳି ହେବା ପାଇଁ ଆଗ୍ରହ ପ୍ରକାଶ କରିବା ପୂର୍ବରୁ ଶ୍ରୀଯୁକ୍ତ ଖାଡ୍‌ଗେ ଦଳ ଭିତରେ ଥିବା ଆଭ୍ୟନ୍ତରୀଣ କନ୍ଦଳଗୁଡ଼ିକୁ ସମାଧାନ କରିବା ପାଇଁ ତାଙ୍କ ଦଳର ନେତାମାନେ ଆଗେଇ ଆସିବା ସେ ଚାହାନ୍ତି । ଆଉ ଏହା ମଧ୍ୟ ସେ ଏପରି ଭାବରେ କରିଛନ୍ତି, ଯେଉଁଥିରୁ ମନେହୁଏ ଯେ ଆଞ୍ଚଳିକ ନେତାମାନଙ୍କ ଅଭିଳାଷଗୁଡ଼ିକୁ ସାଙ୍ଗରେ ନେଇ ଚାଲିବା ନିମନ୍ତେ ଅଧିକ ଚିନ୍ତା କରାଯିବା ଉପରେ ଗୁରୁତ୍ୱ ଆରୋପ କରାଯାଇ ନାହିଁ, ନା ଚିନ୍ତା କରାଯାଇଛି ଦଳ କହି ଆସୁଥିବା ଯୁବ ପିଢ଼ିର ନେତୃବୃନ୍ଦଙ୍କୁ ସୁଯୋଗ ଦେବାର ପ୍ରତିବଦ୍ଧତା ବାବଦରେ । ଶ୍ରୀଯୁକ୍ତ ଖାଡ୍‌ଗେ ବିଭିନ୍ନ ପ୍ରକାର ମତାମତର ବର୍ଷବିଭାକୁ କମିଟିରେ ଅନ୍ତର୍ଭୁକ୍ତ କରିବାକୁ ପସନ୍ଦ କରିଥିବା ସମ୍ପର୍କରେ ନବଗଠିତ ସିଡବ୍ଲ୍ୟୁସିକୁ ଲକ୍ଷ୍ୟ କଲେ ସ୍ପଷ୍ଟ ଭାବରେ ଜାଣିହୁଏ। ୨୦୧୯ ଲୋକସଭା ନିର୍ବାଚନରେ ଶୋଚନୀୟ ପ୍ରଦର୍ଶନକୁ ନେଇ ରାହୁଲ ଗାନ୍ଧୀ ଦଳର ରାଷ୍ଟ୍ରୀୟ ସଭାପତି ପଦରୁ ଇସ୍ତଫା ଦେବା ପରେ ପରେ ଦଳ ଏକ ପ୍ରକାରର ଦିଗହରା ହୋଇ ପଡ଼ିଥିଲା । ପରିଣତି ସ୍ୱରୂପ, ସେମାନଙ୍କ ମଧ୍ୟରୁ ଅଧିକାଂଶ, ଯେଉଁମାନେ କି ଅତୀତରେ ଦଳ ପାଇଁ ବହୁ ତ୍ୟାଗ କରିଥିଲେ, ସେମାନେ ଦଳ ପରିତ୍ୟାଗ କରି ଚାଲି ଯାଇଥିଲେ । ତେବେ ସମ୍ପ୍ରତି ଶ୍ରୀଯୁକ୍ତ ଖାଡ୍‌ଗେ ନୂତନ ସିଡବ୍ଲ୍ୟୁସି ଗଠନ କରିବା ବେଳେ ସେ ସମୟରେ ଜି-୨୩ରେ ସାମିଲ ଥିବା, କିନ୍ତୁ ଦଳ ଛାଡ଼ି ଚାଲି ଯାଇ ନଥିବା ନେତାମାନଙ୍କ ମଧ୍ୟରୁ ଚାରି ଜଣ ସଦସ୍ୟଙ୍କୁ ଦଳର ସାଥୀ ଭାବରେ ବାଛି ଏକ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରିଛନ୍ତି ଯେ ଦଳ ଅସନ୍ତୋଷକୁ ନେଇ ମଧ୍ୟ ସାଙ୍ଗରେ ସେ ପର୍ଯ୍ୟନ୍ତ ଚାଲି ପାରିବ, ଯେ ପର୍ଯ୍ୟନ୍ତ ତାହା ସାମଗ୍ରିକ ଭାବରେ ଦଳର ଉଦ୍ଦେଶ୍ୟକୁ ପୂରଣ କରିବା ସଙ୍ଗେ ସଙ୍ଗେ କଂଗ୍ରେସ ଯେଉଁ ଉଦାରବାଦ ସପକ୍ଷରେ ସଦାସର୍ବଦା ଛିଡ଼ା ହୋଇ ଆସିଛି, ସେହି ଧାରଣାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ଅସନ୍ତୋଷ ଅଭିପ୍ରେତ ହୋଇଥିବ। ଶ୍ରୀଯୁକ୍ତ ଖାଡ୍‌ଗେଙ୍କ ସହିତ ରାଷ୍ଟ୍ରୀୟ ସଭାପତି ପଦ ପାଇଁ ହୋଇଥିବା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ନିର୍ବାଚନକୁ ଏକ ଗଣତାନ୍ତ୍ରିକ କାର୍ଯ୍ୟରେ ପରିଣତ କରିଥିବା ଡକ୍ଟର ଶଶି ଥରୁର୍ ଏବଂ ଶ୍ରୀଯୁକ୍ତ ସଚିନ୍ ପାଇଲଟ, ଯାହାଙ୍କର ନିଜ ରାଜ୍ୟ ରାଜସ୍ଥାନରେ ଦଳର ମୁଖ୍ୟମନ୍ତ୍ରୀଙ୍କ ସହିତ ବିବାଦ ଏବେ ସୁଦ୍ଧା ଲାଗି ରହିଛି, ସେମାନଙ୍କୁ ସିଡବ୍ଲ୍ୟୁସି ସଦସ୍ୟ ଭାବରେ ମନୋନୀତ କରି ଶ୍ରୀଯୁକ୍ତ ଖାଡ୍‌ଗେ ଦଳର ଉପରୋକ୍ତ ମନୋଭାବର ପ୍ରମାଣ ଦେଇଛନ୍ତି। ବର୍ତ୍ତମାନ ଏହି ନେତାମାନଙ୍କ ଉପରେ ନିର୍ଭର କରିବ ଦଳ ପାଇଁ ଅଧିକ କିଛି ଅବଦାନ ରଖି ଏହାକୁ ବଞ୍ଚାଇ ରଖିବାର ସଂଗ୍ରାମରେ ବିଜୟୀ କରାଇବାର । କେରଳ, ଯେଉଁ ରାଜ୍ୟ ସର୍ବାଧିକ ପରିମାଣରେ କଂଗ୍ରେସର ଲୋକସଭାକୁ ସଦସ୍ୟ ପ୍ରେରଣ କରିଛି, ସମ୍ପ୍ରସାରିତ ସିଡବ୍ଲ୍ୟୁସିରେ ସେଠାରୁ ସର୍ବାଧିକ ପାଞ୍ଚ ଜଣ ସଦସ୍ୟ ରହିଥିବା ବେଳେ ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାକୁ ସେମାନଙ୍କର ଉପଯୁକ୍ତ ପ୍ରାପ୍ୟ ମିଳିପାରି ନାହିଁ, ବିଶେଷକରି ସେତିକି ବେଳେ, ଯେତେବେଳେ କି ସେଇସବୁ ରାଜ୍ୟରେ ଦଳର ସ୍ଥିତି ପୁଣିଥରେ ଶାସନ କ୍ଷମତାକୁ ଫେରିବାର ପ୍ରତିଶ୍ରୁତି ବହନ କରିବା ଭଳି ମନେ ହେଉଛି। ଆଉ ମାତ୍ର କିଛି ମାସ ପରେ ୨୦୨୪ରେ ହେବାକୁ ଯାଉଛି ଲୋକସଭା ନିର୍ବାଚନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟ ବିରୋଧରେ ଏହି ନିର୍ବାଚନୀ ରଣାଙ୍ଗନରେ ଅବତୀର୍ଣ୍ଣ ହେବାକୁ ଅଣ୍ଟା ଭିଡୁଛି ବିରୋଧୀମାନଙ୍କ ନବଗଠିତ ମେଣ୍ଟ 'ଇଣ୍ଡିଆ' । ତେଣୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଂଗ୍ରାମ ହେବାକୁ ଯାଉଛି । ଏହି ମେଣ୍ଟକୁ ନେତୃତ୍ୱ ପ୍ରଦାନ କରିବା ପାଇଁ କଂଗ୍ରେସକୁ ନିଜର ସମସ୍ତ ଶକ୍ତି ଖଟାଇବାକୁ ପଡ଼ିବ। ପଶ୍ଚିମବଙ୍ଗ, କେରଳ, ପଞ୍ଜାବ ଏବଂ ଦିଲ୍ଲୀ ଭଳି କେତେକ ରାଜ୍ୟ ରହିଛି, ଯେଉଁସବୁରେ କଂଗ୍ରେସର ମେଣ୍ଟ ଦଳମାନେ ନିର୍ବାଚନୀ ଶତ୍ରୁ ଭଳି ରହିଛନ୍ତି। ତେଣୁ ଏଭଳି ସ୍ଥିତି ନିର୍ବାଚନ ସମୟରେ ଯେଉଁଭଳି ଅବସ୍ଥା ସୃଷ୍ଟି କରିବ, ତାକୁ ଏଡ଼ାଇ ଯିବା ପାଇଁ ଦଳ ଓ ଏହାର ମେଣ୍ଟ ସାଥୀମାନେ ସବୁ ପ୍ରକାରର ରାଜନୀତିକ ଦକ୍ଷତାର ଉପଯୋଗ କରି ନିଜ ନିଜ ଭିତରେ ବୁଝାମଣା କରିବା ଉଚିତ । ପୁନଶ୍ଚ, ମହାରାଷ୍ଟ୍ର ଭଳି କେତେକ ରାଜ୍ୟ ମଧ୍ୟ ରହିଛି, ଯେଉଁ ସବୁରେ ମେଣ୍ଟର ଅଂଶୀଦାରମାନେ ବିଜେପିର ରଣକୌଶଳ ପ୍ରତି ଉନ୍ମୁଖ ରହିଛନ୍ତି ଏବଂ ଏହି ଦଳ ପ୍ରତି ଯେକୌଣସି ମୁହୂର୍ତ୍ତରେ ଢଳି ପାରନ୍ତି, କାରଣ ଏହା ହାତରେ ରହିଛନ୍ତି କେନ୍ଦ୍ରୀୟ ଏଜେନ୍ସିମାନେ, ଯେଉଁମାନଙ୍କର ବ୍ୟବହାର କରାଯିବା ଅନ୍ୟ ଏକ ଆହ୍ୱାନ। ଏଭଳି ଦୃଶ୍ୟପଟ ପରିପ୍ରେକ୍ଷୀରେ କଂଗ୍ରେସ ଦଳ ନିକଟରେ ଅଛନ୍ତି ଶ୍ରୀଯୁକ୍ତ ଖାଡଗେଙ୍କ ଭଳି ରାଷ୍ଟ୍ରନୀତିଜ୍ଞ, ଯାହାଙ୍କ ଦୀର୍ଘ ରାଜନୀତିକ କ୍ୟାରିଅର୍ ଉପରେ ଭରସା କରାଯାଇପାରେ ଏବଂ ତହିଁରୁ ପ୍ରେରଣା ଲାଭ କରାଯାଇପାରେ ।

ବନ୍ଧୁ ହେବ ତ ଏମିତି

ବୈଷ୍ଣବ ମେହେର

ଭାରତୀୟ ଧର୍ମଗ୍ରନ୍ଥ କହେ, 'ଉତ୍ସବେ ବ୍ୟସନ ଚୈବ ଦୁର୍ଭିକ୍ଷେ ରାଷ୍ଟ୍ର ବିପ୍ଳବେ, ରାଜଦ୍ୱାରେ ଶ୍ମଶାନେ ଚ ଯଃ ତିଷ୍ଠତି ସ ବାନ୍ଧବାଃ।' ବନ୍ଧୁତ୍ୱର ଏହି ଗୋଟିଏ ସଂଜ୍ଞାରୁ ବନ୍ଧୁତାର ବ୍ୟାପକ ପରିସରକୁ ଅବଲୋକନ କରାଯାଇପାରେ । ଏହା ସଂପୂର୍ଣ୍ଣ ସ୍ପଷ୍ଟ କରେ ବନ୍ଧୁତ୍ୱର ଅନୁପମ ଭାବ, ଭାବନା ଓ ଚେତନାର ଶୀର୍ଷତମ ସ୍ତରକୁ । ବନ୍ଧୁତା ତ ପରମ ଆତ୍ମୀୟତାର କଥା । ବନ୍ଧୁତ୍ୱ ସାହସ ଦିଏ, ବିପଦରୁ ଉଦ୍ଧାର କରି ସଜାଡ଼ି ଦିଏ ବନ୍ଧୁର ଜୀବନ ପର୍ଯ୍ୟାୟକୁ । ବନ୍ଧୁତାର ପରିସର ଏତେ ବିସ୍ତୀର୍ଣ୍ଣ ଯେ ଏହା କେବଳ ରକ୍ତଗତ କିମ୍ବା ସାମାଜିକ ସମ୍ବନ୍ଧ ମଧ୍ୟରେ ଆଦୌ ସୀମିତ ରହେ ନାହିଁ। ଏପରିକି ବନ୍ଧୁତା କେବଳ ମଣିଷ ମଣିଷ ଭିତରେ ଆବଦ୍ଧ ନରହି,ଏହାର ପବିତ୍ରତା ସ୍ରୋତ ମଣିଷକୁ ପଣୁପକ୍ଷୀ ଓ ଉଦ୍ଭିଦଜଗତ ସହିତ ମଧ୍ୟ ନିବିଡ଼ କରିଦିଏ ।

ପ୍ରକୃତ ବନ୍ଧୁତ୍ୱ ସେହିଠି ଅଧିକ ସ୍ଥାୟୀ ଓ ପରିପୁଷ୍ଟ ହୋଇଥାଏ, ଯେଉଁଠି ଉଭୟ ପକ୍ଷରୁ ଗଭୀର ବିଶ୍ୱାସ ଓ ନିବିଡ଼ ଆନ୍ତରିକତାର ପରିପ୍ରକାଶ ଘଟେ। ପୁରାଣ ପୃଷ୍ଠାରେ ଯଦି ବନ୍ଧୁତ୍ୱର ଅନାବିଳ ଭାବକୁ ଅବଲୋକନ କରିବା ତେବେ ଦେଖିବା ଯେ ଦ୍ୱାରିକାଧୀଶ ଶ୍ରୀକୃଷ୍ଣଙ୍କ ପାଦ ବନ୍ଦନାର ସାମାନ୍ୟ ଅବସର ପାଇଁ ଯେଉଁଠି ସ୍ୱର୍ଗର ଦେବତାଗଣ ଝୁରି ହୁଅନ୍ତି, ସେହିଠି ସ୍ୱୟଂ ଶ୍ରୀକୃଷ୍ଣ ଦରିଦ୍ର ବ୍ରାହ୍ମଣ ସୁଦାମାର ପାଦ ଧୋଇ ଦେଇ ସିଂହାସନରେ ବସାଇବା କେବଳ ବନ୍ଧୁତ୍ୱର ଦ୍ୱାହି ଛଡ଼ା ଅନ୍ୟ କିଛି ନୁହେଁ । ଯାବତିୟ ସ୍ୱାଦିଷ୍ଟ ବ୍ୟଞ୍ଜନର ମହମହ ବାସନାରେ ଭାସୁଥିବା ଶ୍ରୀକୃଷ୍ଣ ସୁଦାମାଙ୍କ ଖୁଦ ଭଜାରେ ଆକର୍ଷିତ ହେବା ଭିତରେ ବନ୍ଧୁତ୍ୱର ଭାବଟିଏ ହିଁ ସଦା ଉଦଭାସିତ ହୋଇ ରହିଛି । ଭଗବାନ ପୁରୁଷୋତ୍ତମ ଶ୍ରୀରାମ ବନ୍ଧୁ ବିଭୀଷଣଙ୍କୁ ରାବଣର ବ୍ରହ୍ମଶରରୁ ରକ୍ଷା କରିବାକୁ ଯାଇ ନିଜେ ବ୍ରହ୍ମଶରର ଶିକାର ହୋଇଗଲେ। ମହାଭାରତରେ ଦାନବୀର କର୍ଣ୍ଣ ଉପାଖ୍ୟାନକୁ ଯଦି ଦେଖିବା, ତେବେ କର୍ଣ୍ଣ ନିଜ ଜନ୍ମ ବୃତ୍ତାନ୍ତ ଓ ପାଣ୍ଡବମାନେ ତାଙ୍କ ନିଜର ଭାଇ ବୋଲି ଜାଣିବା ପରେ ମଧ୍ୟ ମହାମାନୀ ଦୁର୍ଯ୍ୟୋଧନଙ୍କ ସପକ୍ଷରେ ପୂର୍ବଭଳି ସମସ୍ତ ଆନୁଗତ୍ୟତା ସହ ଯୁଦ୍ଧ କରି ନିଜର ପ୍ରାଣବଳୀ ଦେଇଦେଲେ। ଏହି କ୍ରମରେ କଥାକାର କାଫକାଙ୍କ ସେହି ବନ୍ଧୁଙ୍କ କଥାକୁ କିପରି ଅଣାଦେଖା କରାଯାଇପାରିବ । ଯାହାଙ୍କୁ କାଫକା ନିଜର ଅପ୍ରକାଶିତ ପାଣ୍ଡୁଲିପି ମାନ ଦେଇ କହିଯାଇଥିଲେ ପଢ଼ି ସାରି ପୋଡ଼ି ଦେବାକୁ । ଉକ୍ତ ବନ୍ଧୁ କିନ୍ତୁ କାଫକାଙ୍କ ରଚନାବଳୀ ପଢ଼ି ଏତେ ମୁଗ୍ଧ ହେଲେ ଯେ ତାକୁ ପୋଡ଼ିବା ବଦଳରେ ସେଗୁଡ଼ିକର ପ୍ରଚାରପ୍ରସାର ପାଇଁ ନିଷ୍ପତ୍ତି ନେଲେ । ସେହି ପାଠକ ବନ୍ଧୁ ଜଣକ ନ ଥିଲେ ହୁଏ ତ ବିଶ୍ୱ କାଫକାଙ୍କ ମହନୀୟ ସାହିତ୍ୟ କୃତିକୁ ଅନୁଭବ କରିବାର ସୁଯୋଗ ପାଇ ପାରି ନଥାନ୍ତା। ସଂପ୍ରତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ଚତୁର୍ଥ ଶ୍ରେଣୀର ସାହିତ୍ୟ କଳିକା ବହିର 'ଜନଙ୍କ ପ୍ରିୟ ସାଥୀ ଡିକ୍' ପାଠ୍ୟ ବିଷୟରେ ଡିକ୍ ନାମକ ଗୋଟିଏ କୁକୁର କିଭଳି ଦୃଷ୍ଟିହୀନ ଜନଙ୍କୁ ସହଯୋଗ କରି ତାଙ୍କର ପ୍ରିୟ ବନ୍ଧୁ ହୋଇପାରିଛି ତାହା ବନ୍ଧୁର ମହତ୍ୱକୁ ପ୍ରତିପାଦିତ କରିପାରିଛି । ଆମ ଚାରିପଟେ ଏମିତି ଅନେକ ଘଟଣା ଅଛି ଯାହା ସ୍ୱଚ୍ଛ ବନ୍ଧୁତ୍ୱର ଭାବକୁ ପରିପ୍ରକାଶ କରେ ।

ବନ୍ଧୁତା ଶବ୍ଦଟି ଯେତିକି କ୍ଷୁଦ୍ର, ଏହାର ମହତ୍ୱ ସେତେ ବ୍ୟାପକ ଓ ବିସ୍ତାରିତ । ବନ୍ଧୁତ୍ୱର ନିବିଡ଼ତା ମାପି ହୁଏ ନାହିଁ କି ଗଭୀରତାକୁ ଆକଳନ କରିବା ସମ୍ଭବ ହୁଏ ନାହିଁ । ବନ୍ଧୁତାର ପରିଭାଷାକୁ ବାଖ୍ୟା କରିବା କଷ୍ଟକର । ନିସ୍ୱାର୍ଥପର ବନ୍ଧୁତ୍ୱ ସଂସାରର ପ୍ରତ୍ୟେକ ମୋଡ଼ରେ ଜୀବନକୁ ଆଗେଇ ନେବା ପାଇଁ କେବଳ ଦିଗଦର୍ଶନ, ସାହସ କିମ୍ବା ପ୍ରେରଣା ଦିଏ ନାହିଁ ବରଂ ପ୍ରତ୍ୟେକ ପରିସ୍ଥିତିରେ ଜୀବନକୁ ସଜାଡ଼ିବାର ଅନନ୍ୟ ଉପାଦାନ ମଧ୍ୟ ସ୍ୱତଃପ୍ରବୃତ୍ତ ଭାବରେ ଯୋଗାଇ ଦେଇଥାଏ । ତେଣୁ ବନ୍ଧୁତ୍ୱର ସେହି ଯୁଗାନ୍ତକାରୀ ଭାବ, ଭାବନା ଓ ଚେତନାକୁ ଉପଲବଧି କରି ତାର ବନ୍ଧନରେ ଜୀବନର ଶେଷ ମୁହୂର୍ତ୍ତ ଯାଏ ଏମିତି ବାନ୍ଧି ହୋଇ ରହିବା ଯେ, ଏହା ଆମ ଜୀବନକୁ ସରସ, ସୁନ୍ଦର ଓ ସାବଲିଲ କରିବା ସହ ଆମ ଚର୍ତୁପାର୍ଶ୍ୱକୁ ମଧ୍ୟ ସଦା ପ୍ରାଣବନ୍ତ କରି ରଖିବାରେ ସହାୟକ ହେବ ।

ସିନାପାଲି, ନୂଆପଡ଼ା
ମୋ:୯୭୭୭୭୫୩୯୩୫

ଗୀତାରେ ଧର୍ମର ସଂଜ୍ଞା

ଅମରନାଥ ବାରିକ୍

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଦେବତାମାନେ, ମନୁଷ୍ୟମାନେ ଓ ନାନାପ୍ରକାର ପଶୁପକ୍ଷୀ ଏ ବୃକ୍ଷର ଶାଖା ରୂପେ କଳ୍ପିତ ହୋଇଅଛି । ପତ୍ର ସାହାଯ୍ୟରେ ବୃକ୍ଷ ପୁଷ୍ଟିଲାଭ କଲାପରି ଏ ସଂସାର ବୃକ୍ଷ ବେଦସବୁର ନିର୍ଦ୍ଦେଶାନୁସାରେ କର୍ମାନୁଷ୍ଠାନ କରି ତିଷ୍ଠି ରହିଛି । ଯେତେକାଳ ଜୀବ ବିଷୟବାସନାର ମାୟାରେ ଆବଦ୍ଧଥାଏ, ସେତେଦିନ ଯାଏ ତାର ଜ୍ଞାନ ଲାଭ ହୁଏ ନାହିଁ । ତୀବ୍ର ବୈରାଗ୍ୟ ଦ୍ୱାରା ସଂସାରର ମାୟା ଜାଲକୁ କାଟି ପାରିଲେ ମନୁଷ୍ୟ ପରମପଦ ଲାଭ କରିବାରେ ଅଗ୍ରସର ହୁଏ । ଜୀବାତ୍ମା ପରମାତ୍ମାଙ୍କ ଅଂଶ। କର୍ମଫଳ ଭୋଗ କରିବା ପାଇଁ ସେ ଉଚ୍ଚ ବା ନୀଚ ଯୋନି ଲାଭ କରେ । ସେ ମନ ଓ ଇନ୍ଦ୍ରିୟମାନଙ୍କ ସହିତ ପୁରାତନ ଶରୀର ତ୍ୟାଗ କରି ନୂତନ ଶରୀରକୁ ଯାଏ । ନୂତନ ଶରୀର ଲାଭକରି ପୁଣି ବିଷୟଭୋଗରେ ମାତିଯାଏ । ଜୀବାତ୍ମାର ଦେହ ତ୍ୟାଗ, ପୁନଃ ନୂତନ ଶରୀର ଲାଭ ଓ ଶରୀରରେ ଅବସ୍ଥାନ ମୂଢବ୍ୟକ୍ତିମାନେ ଜାଣି ପାରନ୍ତି ନାହିଁ, ଜ୍ଞାନୀବ୍ୟକ୍ତି ଜାଣିପାରନ୍ତି ।

ସୂର୍ଯ୍ୟଙ୍କର ଆଲୋକରେ ଜଗତ ଉଦ୍ଭାସିତ ହୁଏ । ସେହିପରି ଚନ୍ଦ୍ର ଓ ଅଗ୍ନିର ଆଲୋକରେ ମଧ୍ୟ । ମାତ୍ର ଏ ସମସ୍ତ ତେଜ ଜଗତକୁ ଧରି ରଖିଛନ୍ତି । ସେ ମଧ୍ୟ ପୃଥିବୀକୁ ଧାରଣ କରିବା ସଙ୍ଗେ ସଙ୍ଗେ ଔଷଧାଦିର ପୁଷ୍ଟି ବିଧାନ କରୁଛନ୍ତି - ଯାହା ଖାଇ ଜୀବଜଗତ ବଞ୍ଚିରହିଛି । ସେ ସମସ୍ତଙ୍କ ଦେହରେ ଜଠରାଗ୍ନି ରୂପରେ ସମସ୍ତ ଖାଦ୍ୟ ପଦାର୍ଥକୁ ହଜମ କରି ଶରୀରକୁ ପୁଷ୍ଟ କରୁଛନ୍ତି । ପରମାତ୍ମା ସମସ୍ତ ବେଦର ଜ୍ଞାତବ୍ୟ ତତ୍ତ୍ୱ, ବେଦାନ୍ତକୃତ୍ ଓ ବେଦବିତ୍ ଅଟନ୍ତି । ସମସ୍ତ ଭୂତଗଣ କ୍ଷରପୁରୁଷ ଏବଂ ସେମାନଙ୍କ ଶରୀରରେ ଥିବା ଆତ୍ମା ଅକ୍ଷର ପୁରୁଷ ଅଟନ୍ତି । ପରମାତ୍ମା କ୍ଷର ଓ ଅକ୍ଷର ପୁରୁଷଙ୍କଠାରୁ ଶ୍ରେଷ୍ଠ ଅଟନ୍ତି । ତାଙ୍କୁ ସମସ୍ତ ଲୋକ ଓ ସମସ୍ତ ବେଦରେ ପୁରୁଷୋତ୍ତମ କୁହାଯାଏ । ସେ ସମସ୍ତ ଜଗତର ରକ୍ଷକ, ପାଳକ, ଶାସକ ଅଟନ୍ତି । ମୋହତ୍ୟାଗ କରି ବୁଦ୍ଧିମାନ୍ ସାଧକ ପୁରୁଷୋତ୍ତମଙ୍କୁ ସର୍ବତୋଭାବରେ ପୂଜାକଲେ ସର୍ବଜ୍ଞ ଓ କୃତାର୍ଥ ହୋଇଥାନ୍ତି । ଏ ତ ଥିଲା ଗୀତାମୃତ ସ୍ୱୟଂ ମାଧବଙ୍କ ବାଣୀ । ଏତତ୍ ବ୍ୟତୀତ ମନୁଷ୍ୟକୁ କର୍ମ ଅନୁସାରେ ସଂସାରରେ ସମସ୍ତଙ୍କୁ ଆବଶ୍ୟକୀୟ ବିଭାଗ ବଣ୍ଟନ କରାଯାଇଥିଲା ଅଥବା ବୃତ୍ତି କରିବା ପାଇଁ ମାର୍ଗ ଦେଖାଇ ଦିଆଯାଇଥିଲା । ତାହା କୌଣସି ଜାତି କି ଧର୍ମକୁ ନେଇ ନୁହେଁ, ବରଂ ସମାଜର କଲ୍ୟାଣ ଓ ମଙ୍ଗଳ ପାଇଁ । ଯେମିତି ବ୍ରାହ୍ମଣକୁ ଦେବା ଦେବୀଙ୍କ ସେବା କରିବା ପାଇଁ, ଗୋପାଳ(ଗୌଡ)ଙ୍କୁ ଗୋମାତାଙ୍କ ସେବା କରିବା ପାଇଁ, ନାପିତ ଓ ଧୋବାଙ୍କୁ ଜନ ସେବା କରିବା ପାଇଁ ଏମିତି ଆହୁରି ଅନେକ କିନ୍ତୁ ତାହା ପରବର୍ତ୍ତୀ କାଳରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଲୋକମାନେ ପୃଥକ୍ ପୃଥକ୍ ହୋଇଗଲେ । ଉଚ୍ଚ ନୀଚ ବାଛ ବିଚାର ମନୋଭାବ ପ୍ରବୃତ୍ତି ଆସିଲା । ବେଳେବେଳେ ମନରେ ପ୍ରଶ୍ନ ଉଠେ ମୁଁ ନୀଚ ଜାତିର ଲୋକେ କାହିଁକି ହେଲି ? କିନ୍ତୁ ମନୁଷ୍ୟକୁ ସର୍ବଦା ଏହା ମନେ ରଖିବା ଉଚିତ୍ କି କେହି ଉଚ୍ଚ କି କେହି ନୀଚ ଜାତିର ନୁହେଁ ଆମ୍ଭେ ମାନେ ସମସ୍ତେ ଈଶ୍ୱରଙ୍କ ବରଦାନରୁ ସର୍ବଶ୍ରେଷ୍ଠ ପ୍ରାଣୀ ଅଟୁ । ପରମାତ୍ମା ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି । କେବଳ କର୍ମ ଘେନି ଫଳ ପ୍ରାପ୍ତ ହୋଇଥାଏ ଆମ୍ଭମାନଙ୍କୁ । ଉଦାହରଣ ସ୍ୱରୂପ -:

ଭଗବାନଙ୍କୁ ଦିନେ ଅର୍ଜୁନ ପ୍ରଶ୍ନ କଲେ- ସମସ୍ତଙ୍କର ଶାସ୍ତ୍ର ଜ୍ଞାନ ନଥାଏ। ଅନ୍ୟମାନଙ୍କଠାରୁ ଶୁଣି ଯେଉଁ ବ୍ୟକ୍ତି ଶ୍ରଦ୍ଧାର ସହିତ ଉପାସନା କରନ୍ତି ତାଙ୍କୁ କ'ଣ କୁହାଯିବ- ସାତ୍ତ୍ୱିକ, ରାଜସିକ ଅଥବା ତାମସିକ ? ଏହି ଉତ୍ତର ପାଇଥିଲେ ସେ, ଜନ୍ମସଂସ୍କାର ବା ସାଧନାନୁସାରେ ବ୍ୟକ୍ତି ବିଶେଷର ଶ୍ରଦ୍ଧା ଭିନ୍ନ ହୋଇଥାଏ । ସାତ୍ତ୍ୱିକ ପ୍ରକୃତିର ବ୍ୟକ୍ତିମାନେ ଦେବତାମାନଙ୍କୁ ପୂଜା କରନ୍ତି, ରାଜସିକ ପ୍ରକୃତିର ବ୍ୟକ୍ତିମାନେ ପକ୍ଷ ରାକ୍ଷଙ୍କ ପୂଜା କରନ୍ତି ଏବଂ ତାମସିକ ପ୍ରକୃତିର ବ୍ୟକ୍ତିମାନେ ଭୂତପ୍ରେତାଦିର ପୂଜା କରନ୍ତି । ତାମସିକ ବ୍ୟକ୍ତିମାନେ ଦମ୍ଭ ଅହଂକାର ଓ ରାଗାନ୍ୱିତ ହୋଇ ଶରୀରକୁ କଷ୍ଟଦେଇ ନାନା ପ୍ରକାର ତପ ସାଧନା କରିଥାନ୍ତି । କିନ୍ତୁ ସିଦ୍ଧିଲାଭ କରିନପାରି ଦୁଃଖ ଭୋଗ କରିଥାନ୍ତି । ପ୍ରକୃତି ଭେଦରେ ମନୁଷ୍ୟର ପ୍ରିୟ ଆୟୁ, ବଳ, ସ୍ୱାସ୍ଥ୍ୟ, ସୁଖ ଓ ଆନନ୍ଦ ବର୍ଦ୍ଧକ ରସଯୁକ୍ତ, ସ୍ନେହସିକ୍ତ, ସାରବାନ୍ ଖାଦ୍ୟର ପ୍ରିୟ ଅଟନ୍ତି । ରାଜସ ପ୍ରକୃତିର ବ୍ୟକ୍ତି ଅତି କଟୁ, ଅତିଖଟା, ଅତି ଲୁଣିଆ, ଅତି ଗରମ, ଅତିତୀକ୍ଷ୍ଣ, ଅତି ରୁକ୍ଷ ଓ ଅତି ବିଦାହୀ ଖାଦ୍ୟ ଖାଇବାକୁ ଭଲ ପାଆନ୍ତି । ତାମସିକ ବ୍ୟକ୍ତିମାନେ ରସହୀନ ଦୁର୍ଗନ୍ଧ, ବାସି ଅଇଁଠା ଓ ଅମେଧ୍ୟ ପ୍ରଭୃତି ଖାଦ୍ୟ ଖାଇବାକୁ ଭଲ ପାଆନ୍ତି । ସେହିପରି ଯଜ୍ଞ, ଦାନ ଓ ତପ ମଧ୍ୟ ତିନିପ୍ରକାର । ଶାରୀରିକ, ମାନସିକ ଓ ବାଚିକ ଭେଦରେ ତପ ମଧ୍ୟ ତିନି ପ୍ରକାର ହୁଏ । ଓଁ ତତ୍ ସତ୍ -- ଏହି ତିନୋଟି ଶବ୍ଦ ବ୍ରହ୍ମଙ୍କୁ ବୁଝାଏ । ଏଥିରୁ ବ୍ରାହ୍ମଣ, ବେଦ ଓ ଯଜ୍ଞର ସୃଷ୍ଟି । 'ଓଁ' ବ୍ରହ୍ମଙ୍କର ଏହି ନାମ ଉଚ୍ଚାରଣ କରି ବ୍ରହ୍ମଜ୍ଞମାନେ ଧର୍ମାନୁଷ୍ଠାନ କରିଥା



ପ୍ରଭାବିତ ହେଉଛି ମହିଳାଙ୍କ ପ୍ରଜନନ କ୍ଷମତା

ଡାକ୍ତର ଶୁଭଶ୍ରୀ ମିଶ୍ର

ସଂପ୍ରତି ବିଭିନ୍ନ ପରିପାର୍ଶ୍ୱିକ, ସାମାଜିକ, ଚିକିତ୍ସାଗତ କାରଣ ପାଇଁ ମହିଳାଙ୍କ ପ୍ରଜନନ କ୍ଷମତା ଗୁରୁତର ଭାବରେ ପ୍ରଭାବିତ ହେଉଛି। ପ୍ରଥମ କଥା ହେଉଛି ଶରୀରର ଓଜନ ଆବଶ୍ୟକତା ଠାରୁ କମ୍ ହୋଇଥିଲେ ଯାହାର ଅର୍ଥ ହେଉଛି ଅଧିକ ପତଳା ମହିଳାଙ୍କର ସନ୍ତାନ ଜନ୍ମ ବା ପ୍ରଜନନ କ୍ଷମତା ସ୍ୱାଭାବିକ ଭାବେ କମ୍ ରହିଥାଏ। ଭୋକ ଓ ଦୁର୍ବଳତାକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହେଉଥିବା ହର୍ମୋନ୍ ଏହା ପାଇଁ ଦାୟୀ। ଏହି ହର୍ମୋନରୁ ବହୁ କମ୍ ମାତ୍ରା ଋତୁସ୍ରାବ ପାଇଁ କାର୍ଯ୍ୟ କରିଥାଏ। ଏହା ମଧ୍ୟ ପ୍ରଜନନ କ୍ଷମତା କମ୍ ହେବାର ମୁଖ୍ୟ କାରଣ। ଅତ୍ୟଧିକ ପତଳା ମହିଳାମାନେ ଗର୍ଭଧାରଣ କରିପାରନ୍ତି ନାହିଁ। ତେଣୁ ଏମାନେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ସହ ବ୍ୟାୟାମ କରିବା ଦରକାର। ସେହିପରି ସାଧାରଣରେ ମହିଳାମାନେ ବ୍ୟବହାର କରୁଥିବା ଗର୍ଭନିରୋଧକ ଟୀକା ବି ଏ କ୍ଷେତ୍ରରେ ଗୁରୁତର ପ୍ରଭାବ ରଖିଥାଏ। ଯଦି ଗର୍ଭନିରୋଧକ ବଟିକା ଖାଉଥାନ୍ତି କିମ୍ବା ଗର୍ଭନିରୋଧକ ଇଞ୍ଜକ୍‌ସନ ନେଉଥାନ୍ତି, ତାହେଲେ ଏହା ମଧ୍ୟ ପ୍ରଜନନ କ୍ଷମତାକୁ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହି ପ୍ରଣାଳୀକୁ ଯଦି ଲଗାତର କରୁଥାନ୍ତି, ତାହାଲେ ମା'ହେବାର ଦକ୍ଷତା ମହିଳାମାନେ ହରାଇ ବସିପାରନ୍ତି। ଆଉ ଗୋଟିଏ କାରଣ ହେଉଛି ମୋଟା ହେବା ବା ଶାରୀରିକ କ୍ଷେତ୍ରରେ ମେଦବହୁଳତା । କାରଣ ଆଜିକାଲି ଫାଷ୍ଟଫୁଡ୍, ପ୍ରଚୁର ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଓ କେତେକ କ୍ଷେତ୍ରରେ ଶାରୀରିକ କାରଣରୁ ମହିଳାମାନେ ମୋଟା ହୋଇଯାଉଛନ୍ତି। ଆଜିକାଲି ମହିଳାମାନେ ଅତ୍ୟଧିକ ମୋଟା ହୋଇଯାଉଛନ୍ତି। ମେଦ ବୃଦ୍ଧି ଯୋଗୁଁ ହର୍ମୋନ ନିର୍ଗତ ହେବାରେ ବାଧା ସୃଷ୍ଟି ହୁଏ। ବିଶେଷ କରି ଗର୍ଭଧାରଣରେ ଏହା ସମସ୍ୟା ସୃଷ୍ଟି କରେ। ଅଧିକ ମୋଟା ହୋଇଯାଉଥିବା ମହିଳାଙ୍କ ଗର୍ଭାଶୟ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରେ ନାହିଁ। ଏଥିପାଇଁ ମୋଟି ମହିଳାଙ୍କ ଠାରେ ମା' ନହେବାର ସମସ୍ୟା ଦେଖାଯାଏ। ସେହିପରି ବୟସ ମଧ୍ୟ ପ୍ରଜନନ କ୍ଷମତାକୁ ଗୁରୁତର ଭାବରେ ପ୍ରଭାବିତ କରିଥାଏ ବିଶେଷକରି ବୟସ୍କ ମହିଳାମାନେ ଅର୍ଥାତ୍ ୩୫ବର୍ଷରୁ ଅଧିକ ବୟସର ମହିଳାମାନଙ୍କର ଶାରୀରିକ ଦୃଷ୍ଟିକୋଣରୁ ପ୍ରଜନନ କ୍ଷମତା କମି ଯାଇଥାଏ। ସାଧାରଣତଃ ବୟସ ଅଧିକ ହେଲେ ମହିଳାମାନଙ୍କର ପ୍ରଜନନ କ୍ଷମତା ହ୍ରାସ ପାଏ। କମ୍ ବୟସ ମହିଳାଙ୍କ ଋତୁସ୍ରାବରେ ଅନିୟମିତତା ଦେଖାଗଲେ ମଧ୍ୟ ସେମାନଙ୍କର ପ୍ରଜନନ କ୍ଷମତା ହ୍ରାସ ପାଏ। ସାଧାରଣତଃ ୩୫ ବର୍ଷ ବୟସରୁ ମା' ହେବାର ସମସ୍ୟା ଦେଖାଯାଏ। କାରଣ ଏଭଳି ସମସ୍ୟା ଦେଖାଦେଲେ ଡିୟାଣୁ ସଂଖ୍ୟା ହ୍ରାସ ପାଏ। ଏହାଦ୍ୱାରା ପ୍ରଜନନ କ୍ଷମତା କମିଯାଏ। ଅଧିକାଂଶ ମହିଳା ହୁଏତ ଜାଣିନଥାନ୍ତି ଯେ ସାଧାରଣରେ ମାମୁଲି ଲାଗୁଥିବା ଥାଇରଏଡ଼ର ପ୍ରଭାବରେ କେତେକ କ୍ଷେତ୍ରରେ ମହିଳାମାନେ ନିଜର ସନ୍ତାନ ଜନ୍ମ କରିବାର ବା ପ୍ରଜନନ କ୍ଷମତାରେ ସମସ୍ୟାକୁ ସାମ୍ନା କରିଥାନ୍ତି। ଥାଇରଏଡ଼ ହର୍ମୋନ୍‌ରେ ପରିବର୍ତ୍ତନ ଦେଖାଦେଲେ ଏହା ଗର୍ଭଧାରଣରେ ସମସ୍ୟା ସୃଷ୍ଟି କରେ। କେତେକ ମହିଳାଙ୍କ ଠାରେ ଦେଖାଯାଏ ଥାଇରଏଡ୍ ସମସ୍ୟା ଯୋଗୁଁ ସେମାନେ ଗର୍ଭ ଧାରଣ କରିପାରନ୍ତି ନାହିଁ। ଡାକ୍ତରଙ୍କ ପରାମର୍ଶ କ୍ରମେ ଏହାକୁ ନିୟନ୍ତ୍ରଣରେ ରଖିବା ପରେ ଗର୍ଭଧାରଣ କରିଥାନ୍ତି।

ସେହିପରି ଯୌନ ସମ୍ପର୍କ ମଧ୍ୟ ପ୍ରଜନନ କ୍ଷମତାକୁ ହ୍ରାସ କରିବାରେ ଏକ ସ୍ୱାସ୍ଥ୍ୟଗତ କାରଣ ଭାବେ ଦେଖାଯାଇଥାଏ। ଯୌନାଙ୍ଗ ଯଦି ଯୌନ ସମ୍ପର୍କ ସମୟରେ ପ୍ରମେହ ରୋଗ ସଂକ୍ରମଣ ହୋଇ ଏଥିରେ କ୍ଷମତା ହ୍ରାସ ପାଏ। ହୋଇଥିଲେ ପ୍ରଜନନ ସହଜରେ ପିତାମାତା ଫଳରେ ଦମ୍ପତି ଆଜିକାଲି ଫିଟ୍‌ଫାଟ୍ ରହିବା ହୋଇପାରନ୍ତି ନାହିଁ। ସହ ସୁନ୍ଦର ଓ ସତେଜତା ପାଇଁ କେବଳ ମହିଳାମାନେ ନୁହେଁ ଯୁବତୀମାନେ ନାନା ପ୍ରକାର ଟିପ୍ସ ଗ୍ରହଣ କରିବା ସହ ନିଜେ ନିଜେ ଡାକ୍ତର ବନିଯାଇ ବିଭିନ୍ନ ପ୍ରକାର ବ୍ୟାୟାମ ଚାଲୁ ରଖନ୍ତି। ଏ କ୍ଷେତ୍ରରେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ମତ ବା ପରାମର୍ଶ ନନେଇ ଟିଭି ଚ୍ୟାନେଲରେ ପ୍ରସାରିତ ବିଭିନ୍ନ ପ୍ରକାର ବ୍ୟାୟାମ ଦେଖି ନିଜେ ଫିଟ୍ ରହିବାକୁ ଚେଷ୍ଟା କରିଥାନ୍ତି। ତେବେ କଥା ହେଉଛି ସ୍ଲିମ୍ ଓ ଶକ୍ତିଶାଳୀ ହେବାରେ ବ୍ୟାୟାମ ସହାୟକ ହୁଏ। ହେଲେ ମହିଳାମାନେ ସ୍ଲିମ୍ ହେବା ଲକ୍ଷ୍ୟରେ ଆବଶ୍ୟକତା ଠାରୁ ଅଧିକ ବ୍ୟାୟାମ କରନ୍ତି। ଏହା ଗର୍ଭାଶୟ ଉପରେ ପ୍ରଭାବ ପକାଏ। ଫଳରେ ପ୍ରଜନନ କ୍ଷମତା ହ୍ରାସ ପାଏ। ଆଜିକାଲି ସ୍ତ୍ରୀ ଲୋକମାନେ ମୋଟା ହୋଇ ଯାଉଛନ୍ତି। ସ୍ଲିମ୍ ହେବା ପାଇଁ ଯେଉଁ ମହିଳାମାନେ ସପ୍ତାହକୁ ୫ ଘଣ୍ଟାରୁ ଅଧିକ ବ୍ୟାୟାମ କରନ୍ତି ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଏ। ସେମାନେ ମା' ହେବା ମଧ୍ୟ କଷ୍ଟସାଧ୍ୟ ହୋଇଥାଏ। ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ବା ହାଇସୋସାଇଟିରେ ଷ୍ଟାଟସ୍ ଦେଖାଇବା ହେଉ ବା ନିଜର ଅଭ୍ୟାସ। କେତେକ ମହିଳାମାନେ ମଦ୍ୟପାନ ବା ପ୍ରଚୁର ଧୂମପାନ, କେହି କେହି ବିଭିନ୍ନ ପ୍ରକାର ନିଶା ସେବନରେ ଅଭ୍ୟସ୍ତ ହୋଇଯାଇଥାନ୍ତି। କେତେକ କ୍ଷେତ୍ରରେ ଦେଖାଯାଏ ମହିଳାମାନେ ନିୟମିତ ଭାବରେ ପ୍ରତିଦିନ ନିଶାସେବନ କରିଥାନ୍ତି କିନ୍ତୁ ଏହା ସେମାନଙ୍କ ପ୍ରଜନନ କ୍ଷମତା ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ। କେବଳ ସେତିକି ନୁହେଁ ଖୁବ୍ କମ୍ ଦିନରେ ସେମାନେ ପ୍ରଜନନ କ୍ଷମତା ହରାଇଥାନ୍ତି। ମଦ୍ୟପାନ ଯୋଗୁଁ ମଧ୍ୟ ମହିଳାଙ୍କ ପ୍ରଜନନ କ୍ଷମତା ହ୍ରାସ ହୋଇଥାଏ। ମଦ୍ୟପାନ କରୁଥିବା ମହିଳାଙ୍କ ହର୍ମୋନ୍‌ରେ ସନ୍ତୁଳନ ରହେନାହିଁ। ଏହା ପ୍ରଜନନ କ୍ଷମତା ଉପରେ ପ୍ରଭାବ ପକାଏ। ପ୍ରାୟ ୭ ହଜାର ମହିଳାଙ୍କୁ ନେଇ ଏହି ଗବେଷଣା କରାଯାଇଥିଲା। ଦେଖାଯାଇଥିଲା ଯେ ଯେଉଁମାନେ ଅଧିକ ପରିମାଣରେ ମଦ୍ୟପାନ କରୁଥିଲେ ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଇଥିଲା। ଗର୍ଭଧାରଣ ପାଇଁ ଯୋଜନା କରୁଥିଲେ ମଦ୍ୟପାନ ଛାଡ଼ିଦିଅନ୍ତୁ। ମଦ୍ୟପାନ ଯୋଗୁଁ ମଧ୍ୟ ସମୟ ପୂର୍ବ ପ୍ରସବ ହୋଇଥାଏ। ଯାହାକି ମା' ଓ ଛୁଆଁ ପାଇଁ ବିପଦ। କଥାରେ ଅଛି ଲୁଣ ଖାଏ ହାଣ୍ଡି ଚିନ୍ତା ଖାଏ ଗଣ୍ଡି ତେବେ ମହିଳାଙ୍କ କ୍ଷେତ୍ରରେ ଚିନ୍ତା କେବଳ ଗଣ୍ଡିକୁ କ୍ଷତି ପହଞ୍ଚାଇ ନଥାଏ ବରଂ ଏହି ଚିନ୍ତା ସେମାନଙ୍କ ପ୍ରଜନନ କ୍ଷମତାକୁ ପ୍ରଭାବିତ କରିଥାଏ। ଏ କ୍ଷେତ୍ରରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିହାତି ଜରୁରୀ। ପ୍ରଜନନ କ୍ଷମତା ହ୍ରାସ କରିବାରେ ଚିନ୍ତା ଅନ୍ୟତମ ମୁଖ୍ୟ କାରଣ। ଯେଉଁ ମହିଳାମାନେ ସର୍ବଦା ଚିନ୍ତାଗ୍ରସ୍ତ ରହିଥାନ୍ତି, ସେମାନେ ଚାହିଁଲେ ବି ଗର୍ଭଧାରଣ କରିପାରନ୍ତି ନାହିଁ। କାରଣ ସେମାନଙ୍କର ପ୍ରଜନନ କ୍ଷମତା ବହୁତ କମକ୍। ଚିନ୍ତା ପ୍ରଜନନ ହର୍ମୋନର ସ୍ତରକୁ ବହୁତ କମେଇ ଦେଇଥାଏ। ତେଣୁ ଚିନ୍ତା ଦୂର କରିବା ପରେ ହିଁ ଜଣେ ମା' ହେବାର ଦକ୍ଷତା ଫେରି ପାଇଥାଏ। ସେହିପରି ଧୂମପାନ ପ୍ରଜନନ କ୍ଷମତାକୁ ହ୍ରାସ କରିବାରେ ପ୍ରମୁଖ ଭୂମିକା ନିଭାଇଥାଏ। ଆମେରିକାର ଏକ ସର୍ଭେରୁ ଜଣାପଡ଼ିଛି ପ୍ରାୟ ୧୩ ପ୍ରତିଶତ ମହିଳାଙ୍କ ଧୂମପାନ ଯୋଗୁଁ ପ୍ରଜନନ କ୍ଷମତା ହ୍ରାସ ପାଇଛି। ଧୂମପାନ କରୁଥିବା ମହିଳାଙ୍କ ସନ୍ତାନର ମଧ୍ୟ ପ୍ରଜନନ କ୍ଷମତା ହ୍ରାସ ପାଏ। ସିଗାରେଟରେ ଥିବା କେମିକାଲ ହର୍ମୋନକୁ ଅସନ୍ତୁଳନ କରିବା ସହ ଡିଏନ୍‌ଏ ଉପରେ ପ୍ରଭାବ ପକାଏ। ଉଭୟ ମହିଳା ଓ ପୁରୁଷ ଏଥିରେ ପ୍ରଭାବିତ ହୋଇଥାନ୍ତି। ତେବେ ପ୍ରଜନନ କ୍ଷମତା ହ୍ରାସ ହେବା ପୂର୍ବରୁ ମହିଳାମାନେ ନିଶ୍ଚିନ୍ତ ଭାବରେ ଏହାକୁ ଜାଣି ପାରିବେ। ଏ କ୍ଷେତ୍ରରେ ତୁରନ୍ତ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିହାତି ଜରୁରୀ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,
ମୋ : ୯୮୬୧୪୬୩୪୦୬,

॥ ଭାଗ-୧୪(ଖ) ॥
(ପୂର୍ବ ପ୍ରକାଶିତ ଉତ୍ତାରୁ)

ବ୍ରହ୍ମା ନିରୁପାୟ ଭାବେ ସେହି ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରିବାରେ ଲାଗିଲେ, 'ହେ, ସର୍ବ ଶକ୍ତିମାନ ! ତୁମେ ଏହି ବିଶ୍ୱର ସକଳ ବସ୍ତୁରେ ବ୍ରହ୍ମରୂପେ ବିଦ୍ୟମାନ ଅଛ। ଏବେ ଏହି ମୀନ ମଧ୍ୟରେ ଅବତରଣ କରି ତୁମେ ବେଦ ଏବଂ ସୃଷ୍ଟିକୁ ରକ୍ଷା କର। କାରଣ ପ୍ରଳୟ ଜଳ ମଧ୍ୟରେ କେବଳ ଏହି ଜଳଚର ଜୀବଟି ହିଁ ସନ୍ତରଣ କରିପାରିବ।

ମାନବର ଚାରି ଶହ ବତିଶ କୋଟି ବର୍ଷ ଏବଂ ବ୍ରହ୍ମାଙ୍କର ଗୋଟିଏ ଦିନ !..... ଯେଉଁ ମୀନଙ୍କର ସୃଷ୍ଟି ପାଇଁ ଚାରି ଶହ ବତିଶ କୋଟି ବର୍ଷ ଲାଗିଥିଲା, ବ୍ରହ୍ମା ଗୋଟିଏ ଦିନରେ ତାଙ୍କୁ ଯୋଗ ବଳରେ ଶତ ଗୁଣ ଦୀର୍ଘ ଏକ ବିଶାଳ କାୟ ରାଘବ ମତ୍ସ୍ୟରେ ବିବର୍ତ୍ତିତ କରିଦେଲେ। ଏହି ମୀନ ଥିଲେ ମୀନମାନଙ୍କର ପୂର୍ଣ୍ଣାଙ୍ଗ ସ୍ୱରୂପ। ତାଙ୍କର ମସ୍ତକରେ ରହିଥିଲା ଏକ ବିଶାଳ ଶୃଙ୍ଗ। ବ୍ରହ୍ମାଙ୍କର ପୂର୍ଣ୍ଣାଙ୍ଗ ଯୋଗ ସାଧନା ଓ ପ୍ରାର୍ଥନା ବଳରେ, ବେଦ ଓ ସୃଷ୍ଟିକୁ ମହାପ୍ରଳୟରୁ ରକ୍ଷା କରିବାପାଇଁ ବିଷ୍ଣୁ ଲୋକରୁ ଅନନ୍ତ ଜୀବନ ଐଶ୍ୱରୀୟ ଶକ୍ତି ପ୍ରଥମେ ସେହି ମୀନ ମଧ୍ୟକୁ ଅବତାର ରୂପେ ଧାରାବାତରଣ କରିଥିଲେ !!

ଆଜକୁ ପ୍ରାୟ ଏକୋଇଶି ଲକ୍ଷ ବର୍ଷ ତଳେ, କୌଣସି ଶୃଙ୍ଖଳିତ, ପୂର୍ଣ୍ଣ ଭାଷାର ସୃଷ୍ଟି ହୋଇ ନଥିଲା। ଲିପି ନୁହେଁ, କଥିତ ମଧ୍ୟ ନୁହେଁ। ନଥିଲା ଶବ୍ଦ, ନଥିଲା ବର୍ଣ୍ଣମାଳା। କେବଳ ପ୍ରାଗ୍ ଐତିହାସିକ ମଣିଷ ସଂକେତ ବା ଅଳ୍ପ କେତୋଟି ଶବ୍ଦକୁ ବ୍ୟବହାର କରି ମନର ଭାବ ପ୍ରକାଶ କରୁଥିଲା।

ପୁରାତନ ପ୍ରସ୍ତର ଯୁଗର ପ୍ରାଗ ଐତିହାସିକ ମଣିଷ ସେହି ସମୟରେ କେବଳ ଅନୁଭବ କରୁଥିଲା, ଶୀତ, ଉଷ୍ଣ ବା ବର୍ଷା। ନିଜ ଗର୍ଭର କ୍ଷୁଧା, ତୃଷା, ଦେହର କାମନା, ମୃତ୍ୟୁର ଭୟ। ସେଥିରୁ ଆତ୍ମ ରକ୍ଷା କରିବା ଲାଗି ଯେତିକି ପ୍ରୟୋଜନ ସେ କେବଳ ସେତିକି, ସେତିକି ସୃଷ୍ଟି କରିଥିଲା। ସେଥିଲାଗି ସେ ଖୋଜୁଥିଲା ନିରାପଦ ବାସ ସ୍ଥାନ, ଖାଦ୍ୟ ଏବଂ ତିଆରି କରୁଥିଲା ପାଷାଣରେ ଅଧିକରୁ ଅଧିକ ଧାରୁଆ ଅସ୍ତ୍ର, ଶସ୍ତ୍ର। ମଣିଷର ସର୍ବ ନିମ୍ନ ଆବଶ୍ୟକତା। ସେହି ସ୍ୱୟଂଭୂ ପ୍ରଜାପତି ହିଁ ଥିଲେ ତାର ସମସ୍ତ ପ୍ରୟୋଜନର ଏକମାତ୍ର ସ୍ରଷ୍ଟା। ସେ କଣ କିଛି ଚିନ୍ତା କରୁଥିଲା ? ନାଁ, ଯେହେତୁ ତାର ମସ୍ତିଷ୍କରେ ବିଶେଷ ଶବ୍ଦ ନଥିଲା ସେ କେବଳ ତାର ଭାବନାକୁ ନିଜ ଦୃଷ୍ଟି ଦ୍ୱାରା ଆହରଣ କରିଥିବା ଚିତ୍ର ମାଧ୍ୟମରେ ହିଁ ଅନୁଭବ କରୁଥିଲା। ଏହି ଚିତ୍ର ଗ୍ରହଣ କରିବାର ଶକ୍ତି ତାର ମସ୍ତିଷ୍କରେ ସୃଷ୍ଟି କରିଥିଲା ଚିତ୍ର କଳ୍ପ।

ମଣିଷ ଯେଉଁ ବିଷୟରେ ଚିନ୍ତା କରେ, ତାହାସହ ସମ୍ପର୍କିତ ଏହି ଚିତ୍ର ରୂପଟି ମଧ୍ୟ କଳ୍ପନାରେ ଆସି ଯାଇଥାଏ।

ବିଜ୍ଞାନ ଦୁଇ ପ୍ରକାର। ବାହ୍ୟ ବିଜ୍ଞାନ ଓ ଅନ୍ତର୍ବିଜ୍ଞାନ। ବାହ୍ୟ ବିଜ୍ଞାନ ଦୃଶ୍ୟମାନ ଜଗତ, ପଞ୍ଚ ଭୂତର ଅନୁଶୀଳନ, ପଦାର୍ଥ ମାନଙ୍କର ପର୍ଯ୍ୟବେକ୍ଷଣ, ପରୀକ୍ଷା, ନିରୀକ୍ଷା ଦ୍ୱାରା ସିଦ୍ଧାନ୍ତ କରିବାକୁ ହୁଏ। କିନ୍ତୁ ଅନ୍ତର୍ବିଜ୍ଞାନ ପ୍ରେମ, ବିଶ୍ୱାସ, ସମର୍ପଣ, ଯୋଗ, ଭକ୍ତି, ପୂଜା, ପ୍ରାର୍ଥନା ଓ ସାଧନା ଆଦି ଉପରେ ପର୍ଯ୍ୟ ବେଶିତ। ଏହାର ପରୀକ୍ଷା, ନିରୀକ୍ଷାର କୌଣସି ପ୍ରୟୋଜନ ନାହିଁ। ଅନୁଭବ ହିଁ ଏହାର ଶେଷ ସିଦ୍ଧାନ୍ତ ହୋଇଥାଏ।....

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

ଅନାବଶ୍ୟକ ସମ୍ବାଦ ଆମର କ୍ଷତି କରିଥାଏ

ସମ୍ପର୍କିତ ରଙ୍ଗ

ଶ୍ୱେତା ରାଉତ୍

ଆମମାନଙ୍କର ଗୋଟେ ଖରାପ ଅଭ୍ୟାସ ହେଉଛି ଆମେ ଦିନ ରାତି ମୋବାଇଲ୍ ଦେଖି ଆବଶ୍ୟକତାଠୁ ଅଧିକ **Information** (ସୂଚନା)ଆମ ମସ୍ତିଷ୍କକୁ ଦେଉ। ଯାହା ଆମର ଶୁଦ୍ଧ ବିଚାର ରହିଥିବା ସ୍ଥାନରେ ବି ଜାଗା ମାଡ଼ି ବସେ। ଆପଣ ନିଜର ଶରୀର ପାଇଁ ଖାଦ୍ୟ ଖାଆନ୍ତି, ଭାତ, ଡାଲି ତରକାରୀରେ ପେଟ ପୁରିଯାଏ। ଯଦି ଆପଣ ପେଟ ଭରି ଖାଇବା ପରେ ବି ପୁରି, ଖିରି ଖାଇବେ, ତା ପରେ ଚିକେନ ଖାଇବେ, ଅଣ୍ଡା ଖାଇବେ, କେକ୍ ଖାଇବେ, ପୁଣି ତା ଉପରେ ତେଲ ଭାଜି ଖାଇବେ, ଆଇସକ୍ରିମ ଖାଇବେ, ବାଦାମ, ମଟର, ଶୋଲା ଖାଇବେ, ତା ପରେ ଫଳ ମୂଳ ଖାଇବେ, ଭାବି ଦେଖନ୍ତୁ ତ ଆପଣଙ୍କ ପେଟର ଅବସ୍ଥା କଣ ହେବ ? ଆପଣ ବଦହଜମିର ଶିକାର ହେବେ, ଡାଇରିଆ ବି ହୋଇପାରେ, ଗ୍ୟାସ ବା ଏସିଡିଟି ବି ହୋଇପାରେ। କାରଣ ମଣିଷ ଶରୀର ପାଇଁ ଆବଶ୍ୟକ ଖାଦ୍ୟର ମାତ୍ରା ରହିଛି ଏବଂ ସେ ମାତ୍ରାର ସ୍ତର ଉପରକୁ ଗଲେ ଶରୀର ତାକୁ ଗ୍ରହଣ କରିପାରେ ନାହିଁ। ଫଳରେ ଅନେକ ରୋଗର ସମ୍ମୁଖୀନ ହେବାକୁ ପଡ଼େ।

ଠିକ୍ ସେମିତି ଆମ ମସ୍ତିଷ୍କର ବି ଗୋଟେ ଗ୍ରହଣ କରିବାର କ୍ଷମତା(**capacity**)ରହିଛି, ଅଧିକ ସୂଚନା ମସ୍ତିଷ୍କକୁ ଖୁଆଇଲେ ତାର ବି ଡାଇରିଆ ହେବାର ଅର୍ଥାତ୍ ପାଗଳ ହେବାର ସମ୍ଭାବନା ଅଛି।

ଆପଣ ଖବର କାଗଜ ପଢନ୍ତୁ କିମ୍ବା ମୋବାଇଲ୍ ଦେଖନ୍ତୁ, ଯେତିକି ଜାଣିବା କଥା ବା ଜ୍ଞାନ ଉଦ୍ଦିପକ ସମ୍ବାଦ, ସେତିକି ହିଁ ପଢ଼ି ନିଅନ୍ତୁ, ଅଯଥା ସମ୍ବାଦ ଯଥା - କିଏ କାହା ସ୍ୱାମୀକୁ ଛାଡି ପଳେଇଲା, କିଏ କାହାକୁ ହତ୍ୟା କଲା, କୋଉଠି ଲୁଟ୍ ହେଲା, କିଏ କାହା ପ୍ରେମିକାକୁ ଧୋକା ଦେଲା, କିଏ କାହା ସ୍ୱାମୀକୁ ହତ୍ୟା କଲା ଇତ୍ୟାଦି ସମ୍ବାଦ ଜାଣି ଆପଣଙ୍କର କିଛି ଲାଭ ହେବ ନାହିଁ, ବରଂ ନିଜ ସମ୍ପର୍କ ଉପରେ ଗୋଟେ ଭୟ ଓ ଅବିଶ୍ୱାସ ଜନ୍ମ ନେବ। ଏଭଳି ସମ୍ବାଦ ପଢ଼ି ପଢ଼ି ଆପଣ ମଧ୍ୟ ଜଣେ ବିଚଳିତ ବ୍ୟକ୍ତି ହୋଇସାରିଥିବେ। ଆପଣଙ୍କ ବ୍ୟବହାର ମଧ୍ୟ ବଦଳିଯିବ। କାରଣ ଆମେ ଆମ ମସ୍ତିଷ୍କକୁ ଯେଉଁ **information** ବା ସୂଚନା ଦେଉ, ଆମ ମସ୍ତିଷ୍କ ତାକୁ ଗ୍ରହଣ କରେ ଆମ ବିଚାରକୁ ତଦନୁସାରେ କ୍ରିୟାଶୀଳ କରାଏ। ଯେମିତି ଗୁଡ଼ାଏ ପ୍ରକାର ଖାଦ୍ୟ ଆମ ପେଟକୁ ଖରାପ କରେ, ସେମିତି ଗୁଡ଼ାଏ ପ୍ରକାର ସୂଚନା ଆମ ମସ୍ତିଷ୍କର ବିଚାର ଶକ୍ତିକୁ ଦୁର୍ବଳ କରେ ଓ ଆମେ ଆମ କାର୍ଯ୍ୟ ସଠିକ୍ ସମ୍ପାଦନ କରି ପାରନ୍ତି ନାହିଁ।

ବିଶେଷ କରି ସକାଳୁ ଆପଣଙ୍କର ଯଦି କାହାକୁ ଫୋନ୍ କରିବାର ଅଭ୍ୟାସ ଅଛି, ତେବେ ମାତ୍ର ଗୋଟେ ମିନିଟ୍ କଥା ହୋଇ ରଖି ଦିଅନ୍ତୁ, ଅଧିକ ସମୟ କଥା ହେଲେ ନିଜ କଥା ଅପେକ୍ଷା ସମସ୍ତେ ଅନ୍ୟର ଆଲୋଚନା ବା କିଏ କୋଉଠି କଣ କଲା, ଅଧିକ ଚର୍ଚ୍ଚା କରିଥାନ୍ତି, ଯାହା ଆପଣଙ୍କର କୌଣସି କାମରେ କିମ୍ବା ଲାଭରେ ଆସେନାହିଁ ବରଂ ସମୟ ଅପଚୟ ହୁଏ। ସେତିକି ସମୟ ଆପଣ ଭଲ ବହିଟିଏ ପଢ଼ିଲେ ଅନ୍ତତଃ କିଛି ଜ୍ଞାନ ଆହରଣ କରିବେ। ସକାଳ ସବୁବେଳେ ଶାନ୍ତ, ସ୍ଥିର,ଶୋଭାମୟ ହେବା ଉଚିତ୍, କାରଣ ସାରାଦିନ ପାଇଁ ଏହି ପରିବେଶ ହିଁ ଆମକୁ ସତେଜ ରଖେ। ଆପଣଙ୍କ ସକାଳ ଯଦି ଟିକେ ବିଗିଡି ଗଲା ଦେଖିବେ ଦିନ ସାରା କେବଳ ବିରକ୍ତି, ଚିଡିଚିଡ଼ାପଣ ରହିବ, କିଛି ବି ଶାନ୍ତି ଲାଗିବ ନାହିଁ। ତେଣୁ ସକାଳୁ ଯେତେ କମ୍ ମୋବାଇଲ୍ ବ୍ୟବହାର କରିବା, ଅଯଥା ଖବରରୁ ଦୂରରେ ରହିବା ଆମ ମନ ସେତେ ଭଲ ରହିବ।

ଶୋଇବାକୁ ଯିବା ବେଳେ ମଧ୍ୟ ଆଜିକାଲି ସମସ୍ତଙ୍କ ଅଭ୍ୟାସ ମୋବାଇଲ୍ ଦେଖି ଦେଖି ଶୋଇବେ। ଆମେ ଶୋଇବା ଅଧ ଘଣ୍ଟା ପୂର୍ବରୁ ଯାହା ସବୁ ଦେଖୁ ବା ଶୁଣୁ, ରାତି ସାରା ସେଇ ସବୁ ସୂଚନା ଆମ ମସ୍ତିଷ୍କରେ ଖେଳି ବୁଲେ ଏବଂ ସକାଳ ହେଲେ ଆମେ ପୁନଃ ସେଇ ସୂଚନାକୁ ମୁଣ୍ଡରେ ରଖି କାମ କରୁ। ତେଣୁ ଶୋଇବା ପୂର୍ବରୁ କେବେ ହତ୍ୟା, ଚୋରି, ଧୋକା, ହଣା କଟା ଥିବା ଫିଲ୍ମ ଆଦି ଦେଖି ଶୋଇବା କଥା ନୁହେଁ, ଏହା ଆମ ମସ୍ତିଷ୍କର ଏଞ୍ଜାଇଟି ବଢାଏ, ରକ୍ତ ସଞ୍ଚାଳନର ତୀବ୍ରତାକୁ ବଢାଏ, ଫଳରେ ଭୟ ଓ ଉଚ୍ଚ ରକ୍ତଚାପ ଆମକୁ ଦୁର୍ବଳ କରିଦିଏ। ଶୋଇବା ପୁର୍ବରୁ ଦିନସାରା ଆମ ନିଜର କାର୍ଯ୍ୟକଳାପ କେମିତି ଥିଲା, ଆମକୁ ଆବଶ୍ୟକ ଶାନ୍ତି ଓ ସୁଖଦ ଅନୁଭବକୁ ମନରେ ଭରି ପରମାତ୍ମାଙ୍କୁ ନିଜକୁ ସମର୍ପଣ କରି ଶୋଇବା ଉଚିତ୍। ଆପଣଙ୍କ ବିଚାର ହିଁ ଆପଣଙ୍କ ଭାଗ୍ୟ ତିଆରି କରେ। ତେଣୁ ମସ୍ତିଷ୍କକୁ ଭଲ ଖାଦ୍ୟ ଖୁଆଇଲେ ହିଁ ଭଲ ବିଚାର ସୃଷ

୨୦ ହଜାର ଶିକ୍ଷକଙ୍କୁ ଯୋଜନାଭିତ୍ତିକ ନିଯୁକ୍ତି: ନିନ୍ଦା କଲା ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ

ଭୁବନେଶ୍ୱର, ୨୪/୦୮ (ନି.ପ୍ର): ସମଗ୍ର ଶିକ୍ଷା ନିୟମାବଳୀ ଅନୁଯାୟୀ ୨୦ ହଜାର ଶିକ୍ଷକଙ୍କୁ ଯୋଜନାଭିତ୍ତିକ ନିଯୁକ୍ତି ଦିଆଯିବ। ଏନେଇ ସୂଚନା ଦେଇଛନ୍ତି ଗଣଶିକ୍ଷା ସଚିବ ଅଶ୍ୱଥି ଏସ୍। ସେ କହିଛନ୍ତି, ସମଗ୍ର ଶିକ୍ଷା ନିୟମାବଳୀ ଅନୁଯାୟୀ ୨୦ ହଜାର ଶିକ୍ଷକଙ୍କୁ ଯୋଜନାଭିତ୍ତିକ ନିଯୁକ୍ତି ଦିଆଯିବ। ୨୦ ହଜାର ପଦବୀ ପାଇଁ ଓସେପା ପକ୍ଷରୁ ବିଜ୍ଞାପନ ବାହାରିବ। ୨୦୧୬ରେ ନିଯୁକ୍ତି ବନ୍ଦ ଥିଲା। ୭ ବର୍ଷ ପରେ ଏହି ନିଯୁକ୍ତି ହେଉଛି। ଆଶା କରୁଛୁ, ବିନା ବାଧାବିଘ୍ନରେ ଆମେ ଏହି ପ୍ରକ୍ରିୟା ଶେଷ କରିବୁ। ବିଜ୍ଞପ୍ତି ଅନୁଯାୟୀ ସମସ୍ତ ପ୍ରକ୍ରିୟା କରାଯିବ। ଯୋଜନାଭିତ୍ତିକ ନିଯୁକ୍ତି ହେବ। ଆମ ସରକାରଙ୍କ ପକ୍ଷରୁ କୋହଳ କରାଯାଇଛି କି ସମଗ୍ର ଶିକ୍ଷା ଅନ୍ତର୍ଗତ ନିଯୁକ୍ତି ହୋଇଥିଲେ ମଧ୍ୟ ସେମାନଙ୍କୁ ମଧ୍ୟ ରେଗୁଲାର କରିବାର ନିଷ୍ପତ୍ତି ନିଆଯାଇଛି। ରେଗୁଲାର କରାଯିବ, କିନ୍ତୁ କେଉଁ ପ୍ରକ୍ରିୟାରେ ସେମାନେ ରେଗୁଲାର ହେବେ ତାହା ଆମେ ବିଜ୍ଞପ୍ତିରେ ଦେଇଛୁ। ନିଯୁକ୍ତି ସମ୍ପର୍କରେ ଆବେଦନକାରୀ ଅନ୍ୟ କୌଣସି ୱେବ ସାଇଟକୁ ଫଲୋ ନ କରି କେବଳ ଓସେପା ୱେବ ସାଇଟରୁ ତଥ୍ୟ ନେବାକୁ ଗଣଶିକ୍ଷା ସଚିବ ପରାମର୍ଶ ଦେଇଛନ୍ତି। ଏଣେ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି, ନୂଆ ପ୍ରକ୍ରିୟାରେ କେଉଁମାନେ ଯୋଗ୍ୟ ବିବେଚିତ ହେବେ, ତାଙ୍କର ଟର୍ମ ଆଣ୍ଡ କଣ୍ଡିସନ କଣ ରହିବ ଓସେପା ସେ ଦିଗରେ କାର୍ଯ୍ୟ କରୁଛି।୨୦ ହଜାର ଶିକ୍ଷକ ନିଯୁକ୍ତି ପାଇବେ। ମୁଖ୍ୟମନ୍ତ୍ରୀ ଏପରି ଐତିହାସିକ ନିଷ୍ପତ୍ତି ନେଇଥିବାରୁ ମୁଁ ତାଙ୍କୁ ଧନ୍ୟବାଦ ଦେଉଛି । ଠିକା ନିଯୁକ୍ତି ବିଷୟରେ ସମସ୍ତେ ଅବଗତ ଅଛନ୍ତି। ହାଇସ୍କୁଲ କ୍ଷେତ୍ରରେ କଣ ନିୟମ ଥିଲା, କଣ ହୋଇଛି ତାକୁ ସମସ୍ତେ ଜାଣିଛନ୍ତି। ଯାହା ସରକାରଙ୍କ ନୀତିଗତ ନିଷ୍ପତ୍ତି ହେବ ସେହି ଅନୁସାରେ କାମ ହେବ। ତେଣେ ଗଣଶିକ୍ଷା ବିଭାଗର ଏହି ନିଷ୍ପତ୍ତିକୁ ନିନ୍ଦା କରିଛି ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ। ସଂଘର ସଭାପତି ବିଜୟ ମଲ୍ଲ କହିଛନ୍ତି, ବିଭାଗ କୋଡ଼ିଏ ହଜାର ଶିକ୍ଷକଙ୍କ ଲାଗି ନିଯୁକ୍ତି ପ୍ରକାଶ କରିଛି, ସେଥିପାଇଁ ରାଜ୍ୟ ସରକାରଙ୍କୁ ସ୍ୱାଗତ କରୁଛୁ। କିନ୍ତୁ ପୁଣି ଥରେ ଚୁକ୍ତିଭିତ୍ତିକ ନିଯୁକ୍ତି ଏହା ଅତ୍ୟନ୍ତ ଦୁଃଖଦାୟକ। ରାଜ୍ୟ ସରକାର ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ କରିବା ପରେ ପୁଣି ଏହାକୁ ଆଉ ଥରେ ଲାଗୁ କରିବା ଅତ୍ୟନ୍ତ ଦୁଃଖଦାୟକ। ଆମେ ଏହାକୁ ନିନ୍ଦା କରୁଛୁ।

ବଲାଙ୍ଗିର ମହିଳା କଲେଜରେ ସ୍ନାତକୋତର ଶ୍ରେଣୀର ପ୍ରତିଷ୍ଠା ସମାରୋହ

ବଲାଙ୍ଗୀର, ୨୪/୦୮ (ନି.ପ୍ର): ସ୍ୱାଧୀନ ଭାରତର ଓଡ଼ିଶା ରାଜ୍ୟର ଏକ ପୁରାତନ ଶିକ୍ଷାନୁଷ୍ଠାନ ହେଉଛି ବଲାଙ୍ଗିର ସ୍ଥିତ ସରକାରୀ ମହିଳା ମହବିଦ୍ୟାଳୟ। ୧୯୬୨ ସାଲରେ ଏହା ପ୍ରାଣ ପ୍ରତିଷ୍ଠା ଲାଭ କରିଥିଲା। ସେହଦିନଠାରୁ ଜିଲ୍ଲା ତଥା ପ୍ରତିବେଶୀ ଜିଲ୍ଲାମାନଙ୍କରୁ ଛାତ୍ରୀମାନେ କେବଳ କଳା ପାଠ୍ୟକ୍ରମରେ କେବଳ ସ୍ନାତକ ପର୍ଯ୍ୟନ୍ତ ଶିକ୍ଷାଲାଭ କରି ପାରୁଥିଲେ। ଅନୁଷ୍ଠାନଟି ବିଗତ ଦିନରେ ଅର୍ଦ୍ଧ ଶତାବ୍ଦୀ ସମୟ ଅତିକ୍ରାନ୍ତ କରିସାରି ଥିଲେ ମଧ୍ୟ ସରକାରୀ ଉଦାସୀନତା ଶିକାର ହୋଇ ଆସୁଥିଲା। ଆଦିବାସୀ ଓ ହରିଜନ ଅଧ୍ୟୁଷିତ ଏହି ଜିଲ୍ଲାରେ ଛାତ୍ରୀ ମାନେ ବିଜ୍ଞାନ ବିଷୟ ରେ ପଢିବାକୁ ବଂଚିତ ହୋଇଥିଲେ। ଏବେ ଦୀର୍ଘଦିନର ଦାବି ପ୍ରଚେଷ୍ଟା ପରେ ସ୍ନାତକ ବିଜ୍ଞାନ ଶ୍ରେଣୀ ପାଇଁ ଅନୁମତି ମିଳି ସାରିଛି। ବହୁ ସଂଖ୍ୟକ ଛାତ୍ରୀ ନାମ ଲେଖାଇ ସାରିଛନ୍ତି। ଏହିକ୍ରମରେ ଏହି ନାରୀ କେନ୍ଦ୍ରିକ ଶିକ୍ଷାନୁଷ୍ଠାନ ରେ ସ୍ନାତକୋତର ଶ୍ରେଣୀର ଉନ୍ମୋଚନ ଏକ ପ୍ରକାର ଅବାସ୍ତବ ମାନେ ହେଉଥିଲା। ଏହା ମଧ୍ୟ ସରକାରୀ ଅନୁମତି ପାଇ ସାକାର ହୋଇପାରିଛି। ଚଳିତ ଶିକ୍ଷାବର୍ଷରୁ ଉଭୟ ସ୍ନାତକ ବିଜ୍ଞାନ ଓ ସ୍ନାତକୋତର କଳା ଶ୍ରେଣୀ ଖୋଲି ଥିବାରୁ ସିକ୍ଷାପ୍ରେମି ଖୁସି ବ୍ୟକ୍ତ କରିଛନ୍ତି। ଏହି କ୍ରମରେ ଗତକାଲି ୨୧ ତାରିଖ ଦିନ ମହାବିଦ୍ୟାଳୟର ପ୍ରେଖ୍ୟା ଲୟରେ ଏକ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହୋଇଥିଲା। ବହୁ ନବାଗତ ଛାତ୍ରୀ ତଥା ଅଭିଭାବକ ଏଥିରେ ଯୋଗଦାନ କରିଥିଲେ। ଅଧକ୍ଷ ମନୋରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ପୂର୍ବତନ ଅଧକ୍ଷ ସୁଷମା ମଞ୍ଜରୀ ନାୟକ ଇତିହାସ ଅଧ୍ୟାପକ ତଥା ପୂର୍ବତନ ଭବାନୀପାଟଣା କଲେଜ୍ ଅଧକ୍ଷ ଶିବ ପ୍ରସାଦ ନନ୍ଦ ଅତିଥି ଭାବରେ ମଂଚାସିନ ଥିଲେ। ନିମନ୍ତ୍ରିତ ଅତିଥି ଭାବରେ ବଲାଙ୍ଗୀର ନାଗରିକ କମିଟି ସଭାପତି ଇଞ୍ଜିନିୟର ବେଲାର ସିଂହ ଭୋଇ, ସମ୍ପାଦକ ମନୋରଞ୍ଜନ ସାହୁ, ସଦସ୍ୟ ଗୋପଭୂଷଣ ନାଥ, ପୀତବାସ ପଣ୍ଡାତଥା ଯୁବ ଶିକ୍ଷାବିତ ଶ୍ରୀକାନ୍ତ ଶର୍ମା ଉପସ୍ଥିତ ଥିଲେ। ସଭାକୁ ଡ ଅନୁରାଧା ମିଶ୍ର ସଂଚାଳନ କରିଥିଲେ ଅଧକ୍ଷ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟାପକ କର୍ମଚାରୀ ବର୍ତମାନ କାର୍ଯ୍ୟରତ ଅଧ୍ୟାପକ ଯୋଗ ଦେଇଥିଲେ। ଶେଷରେ ଓଡ଼ିଆ ଅଧ୍ୟାପକ ନିରଞ୍ଜନ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

ସେପ୍ଟେମ୍ବର ମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ବଲାଙ୍ଗିର, ୨୪/୦୮ (ନି.ପ୍ର): ସେପ୍ଟେମ୍ବର ମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଛି । ସେହି ଅନୁସାରେ ସେପ୍ଟେମ୍ବର ମାସ ୪ ତାରିଖ ସୋମବାର ସକାଳ ୧୦ଟା ୩୦ ମିନିଟ ସମୟରେ ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟ ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟ।ଳୟ ସମ୍ମିଳନୀ କକ୍ଷ ଠାରେ, ୧୧ ତାରିଖ ସୋମବାର ସକାଳ ୧୦ଟା ୩୦ ମିନିଟରେ ସଇଁତଳା ବ୍ଲକ କାର୍ଯ୍ୟ।ଳୟ ଠାରେ, ୧୮ ତାରିଖ ସୋମବାର ସକାଳ୧୦ଟା ୩୦ ମିନିଟରେ ଖପ୍ରାଖୋଲ ବ୍ଲକ କାର୍ଯ୍ୟ।ଳୟ ଠାରେ, ୨୫ ତାରିଖ ସୋମବାର ସକାଳ୧୦ଟା ୩୦ ମିନିଟରେ ଆଗଲପୁର ବ୍ଲକ କାର୍ଯ୍ୟ।ଳୟ ଠାରେ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଂଚଳର ଜନସାଧାରଣ ସେମାନଙ୍କର ବ୍ୟକ୍ତିଗତ ତଥା ସାମୁହିକ ସମସ୍ୟାମୂଳକ ଅଭିଯୋଗ ଜଣାଇପାରିବେ । ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ସମ୍ପୃକ୍ତ ଅଂଚଳର ଜନସାଧାରଣଙ୍କ ଅଭିଯୋଗ ଶୁଣାଣୀ କରି ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବେ । ସମ୍ପୃକ୍ତ ଅଂଚଳର ଜନସାଧାରଣ ଏହି ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ନିଜର ଅଭିଯୋଗ ଜଣାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

ଗୋକୁଳ ଚନ୍ଦ୍ର ସଂଗୀତ ସଦନର ସାଧାରଣ ପରିଷଦ ବୈଠକ

କେନ୍ଦ୍ରାପଡ଼ା, ୨୪/୦୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ସର୍ବ ପ୍ରାଚୀନ ସଂଗୀତ ଅନୁଷ୍ଠାନ ଗୋକୁଳ ଚନ୍ଦ୍ର ସଂଗୀତ ସଦନର ବାର୍ଷିକ ସାଧାରଣ ପରିଷଦ ବୈଠକ ସଭାପତି ଅମ୍ବିକା ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ସମ୍ପାଦକ ଉମାକାନ୍ତ ଜେନା ବିଗତ ସାଧାରଣ ପରିଷଦ ବୈଠକର ବିବରଣୀ ପାଠ କରିଥିଲେ ଏବଂ ଏହା ସର୍ବ ସମ୍ମତିକ୍ରମେ ଗୃହୀତ ହୋଇଥିଲା । ଏହାପରେ କାର୍ଯ୍ୟସୂଚୀ ଅନୁଯାୟୀ ସଭାପତି ଶ୍ରୀଦାସ ଆଲୋଚନା ଆରମ୍ଭ କରିଥିଲେ। ଜରାଜୀର୍ଣ୍ଣ ହୋଇପଡ଼ିଥିବା ସଦନ ଗୃହର ମରାମତି ଓ ରକ୍ଷଣାବେକ୍ଷଣ, ଶିକ୍ଷା ଦାନ କରାଯାଉଥିବା ନୃତ୍ୟ, ସଂଗୀତ, ତବଲା,ଆର୍ଟ ଆଦି ବିଭାଗର ସୁପରିଚାଳନା, ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ଏବଂ ଜିଲ୍ଲାର ଉରପୀଢିକୁ କଳା, ସଂଗୀତ ଓ ସଂସ୍କୃତି ପ୍ରତି ଆକୃଷ୍ଟ କରାଇବା ଆଦି ପ୍ରସଙ୍ଗରେ ସର୍ବ ସମ୍ମତି କ୍ରମେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ରାଜଭବନ ଠାରେ ନୃତ୍ୟ ପରିବେଷଣ କରି ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିବା ସଦନର କଳାକାର ମାନଙ୍କୁ ପରବର୍ତ୍ତୀ ସମୟରେ ରାଜ୍ୟପାଳ ଦେଇଥିବା ପୁରସ୍କାର ସେମାନଙ୍କୁ ଆଗାମୀ ସେପ୍ଟେମ୍ବର ୩ତାରିଖରେ ଏକ ଆନୁଷ୍ଠାନିକ ସାଂସ୍କୃତିକ ଉତ୍ସବରେ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଡ଼ିଟର ଗଣେଶ ଚନ୍ଦ୍ର ସାମଲ,କୋଷାଧ୍ୟକ୍ଷା ନୃତ୍ୟଗୁରୁ ଭାନୁପ୍ରିୟା ଖଟୁଆ,ସହ ସମ୍ପାଦକ ଗୌତମ ସାହୁ,ସଂଗଠନ ସମ୍ପାଦକ ଚନ୍ଦ୍ରଭାନୁ ମେକାପ,ସାଂସ୍କୃତିକ ସମ୍ପାଦକ ମୋହିନୀ ଲକ୍ଷ୍ମୀମୁଦ୍ରା ଶତପଥି,ପୁଷ୍ପାଂଜଳୀ ବସ୍ତିଆ,ହେମନ୍ତ କୁମାର ଜେନା,ସୌମ୍ୟା ସଲୋନୀ ବେହେରା,ବିଶ୍ୱ ପ୍ରକାଶ ନାୟକ,ଉମାକାନ୍ତ ସିଂହ,ଯଜାତି କେଶରୀ ମହାନ୍ତି,ପବିତ୍ର ମୋହନ ସାହୁ,ଅନାମ ଚରଣ ମହଲା,ଅଭିମନ୍ୟୁ ନାୟକ,ମଧୁସ୍ମିତା ସାହୁ ପ୍ରମୁଖ ସଭ୍ୟ ସଭ୍ୟାମାନେ ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି ବୈଠକରେ ବର୍ଷିୟାନ ସମାଜସେବୀ ଗୋପାଳ ଚନ୍ଦ୍ର ମହାଳିକ,ପୂର୍ବତନ ପୌର କାଉନସିଲର ହିରଣ୍ୟ କୁମାର ପଣ୍ଡା,ସଂଗୀତ ଗୁରୁ ଆଦିକନ୍ଦ ସାହୁ,ଆର୍ଟ ଗୁରୁ ହିମାଂଶୁ କୁମାର ଦାସ,ଶିକ୍ଷାବିତ୍ ବିନାୟକ ପ୍ରସାଦ ପ୍ରଧାନ ,ସମାଜସେବୀ ବସନ୍ତ କୁମାର ସାହୁ,ସୌମ୍ୟ ରଂଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ଅନୁମୋଦନ ପାଇଁ କେନ୍ଦ୍ରରେ ଅଟକିଛି ଜୟପୁରରୁ ବୋରିଗୁମ୍ମା ଏଲଇଡି ଆଲୋକୀକରଣ ପ୍ରସ୍ତାବ

ଜୟପୁର, ୨୪/୦୮ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲ୍ଲାର ଲାଇଫଲାଇନ୍ ରାସ୍ତା ଜୟପୁର-ବୋରିଗୁମ୍ମା ଜାତୀୟରାଜପଥରେ ୩୦୦ରୁ ଉର୍ଦ୍ଧ୍ୱ ସୋଲାର ଏଲଇଡି ଲାଇଟ୍ ଲଗାଇବାକୁ ଜୟପୁର ଏନଏଚ ଡିଭିଜନ ଯୋଜନା କରିଛି। ଏ ନେଇ କେନ୍ଦ୍ର ସଡକ ଓ ପରିବହନ ମନ୍ତ୍ରଳାୟକୁ ଯାଇଛି ପ୍ରସ୍ତାବ। କେନ୍ଦ୍ର ଏ ଯାଏଁ ଅନୁମୋଦନ କରି ଏହି ପ୍ରସ୍ତାବକୁ ପଠାଇ ନାହିଁ। ଫଳ ସ୍ୱରୁପ ଏହା କାର୍ଯ୍ୟକାରୀ ହୋଇ ପାରିନଥିବା କହିଛନ୍ତି ଏନଏଚର ଜୟପୁର ଏସଡିଓ ରାଜେନ୍ଦ୍ର ବେହେରା। ସୂଚନା ଅନୁଯାୟୀ, ଜୟପୁର-ବୋରିଗୁମ୍ମା ୨୨କିଲୋ ମିଟର ଜାତୀୟ ରାଜପଥ ସବୁ ଠାରୁ ବ୍ୟସ୍ତତମ ରାସ୍ତା ଭାବେ ପରିଚିତ। ଏହି ରାସ୍ତା ଦେଇ ପ୍ରତ୍ୟେହ ଶହ ଶହ ଭାରୀଯାନ, ମାଲବୋଝେଇ ଟ୍ରକ ଗୁଡିକ ଦେଶର କୋଣ ଅନୁକୋଣକୁ ଯିବା ଆସିବା କରୁଛନ୍ତି। ବେଶି ମାତ୍ରାରେ ବିଶାଖାପାଟଣାରୁ ରାୟପୁରକୁ ଅଧିକା ଟ୍ରକ ଚଳାଚଳ କରୁଛି। ଏହା ସାଙ୍ଗକୁ ଏହି ରାସ୍ତା ଦେଇ ଅବିଭକ୍ତ କୋରାପୁଟ ଜିଲ୍ଲା, ଅବିଭକ୍ତ କଳାହାଣ୍ଡିଓ ବଳାଙ୍ଗୀର, ସମ୍ବଲପୁର, ରାଉରକେଲା, ଝାରସୁଗୁଡା ପର୍ଯ୍ୟନ୍ତ ବସ ଓ ଟ୍ରକ ବି ଚଳାଚଳ କରୁଛି। ବ୍ୟସ୍ତତମ ରାସ୍ତା ଭାବେ ଏନଏଚ୍ ୨୬ପରିଚିତ। ସେହି ଅନୁପାତରେ ଛୋଟବଡ ଦୁର୍ଘଟଣା ବି ହେଉଛି। ରାସ୍ତା ପାର୍ଶ୍ୱରେ ଜମି ରହିବା ସହ ୮ଟି ବଡ ବଡ ରାଜସ୍ୱ ଗାଁ ଉମୁରୀ, ରଣ୍ଡାପାଲ୍ଲୀ, ଆମ୍ବାଗୁଡା, କୁମୁଲିପୁଟ, ହରଡ଼ାପୁଟ ଛକ, ଚାରଗାଁ, ହଡଫା ଓ ଜୟନ୍ତଗିରୀ ଆଦି ପ୍ରମୁଖ ଛକ ବି ରହିଛି। ତେଣୁ ଏହି ସୋଲାର ଏଲଇଡି ଲାଇଟ୍ ଲାଗିବା ଦ୍ୱାରା ରାସ୍ତା ଆଲୋକିତ ହେବା ଦ୍ୱାରା ଛୋଟ ବଡ଼ ଦୁର୍ଘଟଣାକୁ ରୋକିହେବ। ଏହା ବାଦେ ଛକ ଗୁଡିକ ବି ଆଲୋକିତ ହେବା ଦ୍ୱାରା ଛକର ବିକାଶ ହେବା ସହ ଦୁର୍ଘଟଣା ବି ସେତେଟା ହେବ ନାହିଁ। ତେବେଏହି ପ୍ରସ୍ତାବ ଯାଇ ୪ମାସ ବିତିଯାଇଥିଲେ ହେଁ ଏହାକୁ କେନ୍ଦ୍ର ସରକାର ଅନୁମୋଦନ କରି ନାହାନ୍ତି। ଏହି ପ୍ରସ୍ତାବ ପାରିତ କେନ୍ଦ୍ର ସରକାର ଆରମ୍ଭ କରିଲେ ନିଶ୍ଚିତ ରୂପେ ଏହି ୨୨କିଲୋମିଟର ରାସ୍ତାରେ ହେଉଥିବା ଦୁର୍ଘଟଣା ସହ ବିଭିନ୍ନ ରାହାଜାନୀ, ଲୁଟ ସହ ବିଭିନ୍ନ ଅପରାଧିକ ଗତିବିଧି ବି କମିଯିବାର ସମ୍ଭାବନା ରହିଥିବା କହିଛନ୍ତି ବୁଦ୍ଧିଜୀବୀ। ଏନଏଚ୍ ଦେଇଥିବା ପ୍ରସ୍ତାବକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରିବା ସହ ଏଭଳି ଜନହୀତକାରୀ ଯୋଜନାକୁ କେନ୍ଦ୍ର ସରକାର ତୁରନ୍ତ ଅନୁମୋଦନ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମାନେ ଅନୁରୋଧ କରିଛନ୍ତି।

ସ୍ୱେଚ୍ଛାକୃତ ରକ୍ତଦାନ ଶିବିର : ୬୨ ୟୁନିଟ୍ ରକ୍ତ ସଂଗୃହୀତ

କନ୍ଧମାଳ, ୨୪/୦୮ (ନି.ପ୍ର): ଫୁଲବାଣୀର ପ୍ରତିଷ୍ଠିତ ଅନୁଷ୍ଠାନ କମଳା ପ୍ରକାଶନୀର ଆୟୋଜନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ରକ୍ତଭଣ୍ଡାର ଠାରେ ଅନୁଷ୍ଠିତ ଏହି ଶିବିରରେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗଦେଇ ରକ୍ତଦାତା ମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ଦ୍ୱାରା ପ୍ରକାଶିତ ଏବଂ ଏହାର ପ୍ରତିଷ୍ଠାତା ସଦସ୍ୟ ଡ. ନୃସିଂହାନନ୍ଦ ମହାପାତ୍ରଙ୍କ ଦ୍ୱାରା ଲିଖିତ ଅନେକ ପୁସ୍ତକ ଉପହାର ରୁପେ ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ପୁସ୍ତକ ଗୁଡିକ ଲୋକଙ୍କୁ ସମ୍ଭାର୍ଗରେ ଯିବା ପାଇଁ କାର୍ଯ୍ୟରେ ଆସିବ ବୋଲି କହିବା ସହିତ ଏହି ସବୁକୁ ଜିଲ୍ଲା ପାଠାଗାରରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଫୁଲବାଣୀ ଉପଜିଲ୍ଲାପାଳ ଶେଷଦେବ ମିଶ୍ର ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଏହି ଅବସରରେ ଫୁଲବାଣୀ ଆଇଟିଆଇ ର ଅଧକ୍ଷ ଇଂ.ପ୍ରକାଶ ଚନ୍ଦ୍ର ସେଠୀ, ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ଜୟଦିପ ଘୋଷ, ଫୁଲବାଣୀ ରକ୍ତଦାନ ସମିତିର ସହ-ସମ୍ପାଦକ ତଥା ବିଶିଷ୍ଟ ରକ୍ତଦାତା ପ୍ରଶାନ୍ତ କୁମାର ବେହେରା, କମଳା ପ୍ରକାଶନୀ ର ସଭାପତି ରାମକୃଷ୍ଣ ବେହେରା, ଉପସଭାପତି ଦୁର୍ଯ୍ୟୋଧନ ପ୍ରଧାନ, ଶ୍ରୀମତୀ ସୁରମା ମହାନ୍ତି, ଟିମ ହ୍ୟୁମାନିଟି କନ୍ଧମାଳର ଆବାହକ ଭି. ଲୋକନାଥ ରାଜୁ, ବରିଷ୍ଠ ନାଗରିକ ଅନନ୍ତଚରଣ ମିଶ୍ର, ରବିନାରାୟଣ ମିଶ୍ର, ପ୍ରଫୁଲ୍ଲ ମହାନ୍ତି ଏବଂ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ। ପ୍ରଥମେ ଅନୁଷ୍ଠାନ ର ପ୍ରତିଷ୍ଠାତା ସଦସ୍ୟ ଡ. ନୃସିଂହାନନ୍ଦ ମହାପାତ୍ର ଓ ଫୁଲବାଣୀ ଆଇଟିଆଇ ର ପ୍ରଶିକ୍ଷଣ ଅଧିକାରୀ ପ୍ରଶାନ୍ତ କୁମାର ମିଶ୍ର ରକ୍ତଦାନ କରିଥିଲେ। ପରେ ଅନୁଷ୍ଠାନ ର ସଦସ୍ୟ ଏବଂ ଆଇଟିଆଇ ର ଓ ପଲିଟେକନିକ୍ କଲେଜର ଛାତ୍ରଛାତ୍ରୀ ମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରକ୍ତ ସଂଗ୍ରହ କାର୍ଯ୍ୟକୁ ଫୁଲବାଣୀ ରକ୍ତଭଣ୍ଡାରର କର୍ମଚାରୀ ଦିନକୃଷ୍ଣ ମହନ୍ତ, ସୂଜିତ କୁମାର ସାହୁ, ପ୍ରଶାନ୍ତ କୁମାର ରନ୍ନାଲୁ, ବରୁଣ ବେହେରା ଓ ସଞ୍ଜୁକ୍ତା ଦଳଛତ୍ର ପ୍ରମୁଖ ସମ୍ପାଦନ କରିଥିଲେ। ଶିବିରରେ ମୋଟ ୬୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

ଘରୋଇ ଚିକିତ୍ସାଳୟରେ ନର୍ସଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଅଦାଲତ ଚାଲାଣ

କୋରେଇ, ୨୪/୦୮ (ନି.ପ୍ର): ପାଣିକୋଇଲି ବଜାରରେ ଥିବା ଏକ ଘରୋଇ ଚିକିତ୍ସାଳୟର ଜଣେ ନର୍ସ ସହ ସେଠାରେ ଥିବା ଔଷଧ ଦୋକାନ କର୍ମଚାରୀ ଅସାଦାଚରଣ କରିବା ଓ ଧମକ ଦେବା ଅଭିଯୋଗରେ ଆଜି ଅଦାଲତ ଚାଲାଣ କରିଛି । ପ୍ରକାଶଯେ ପାଣିକୋଇଲି ବଜାରରେ ଏକ ଘରୋଇ ଚିକିତ୍ସାଳୟ ରହିଛି। ଏହି ସଂସ୍ଥାରେ ନର୍ସଭାବେ କେଉଁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ବାଖଡି ଗ୍ରାମର ବିନ୍ଧାଧର ବେହେରାଙ୍କ ଝିଅ ମିନତି ବେହେରା ନର୍ସଭାବେ ୩ ବର୍ଷ ଧରି କାର୍ଯ୍ୟ କରୁଅଛି । ସେହି ସଂସ୍ଥାର ଔଷଧ ଦୋକାନରେ ଯାଜପୁର ଟାଉନ ଲଳିତେଶ୍ୱର ନଗରର ଗଙ୍ଗାଧର ସାହୁଙ୍କ ପୁଅ ସୌମ୍ୟରଂଜନ ସାହୁ (୩୨) କାର୍ଯ୍ୟକରେ । ବାରମ୍ବାର ଅଶ୍ଳୀଳ ମ୍ୟାସେଜ କରିବା ସହ ରାତିରେ ଯାଇ ମିତୀ ରହୁଥିବା ଘର କବାଟ ବାଡେଇ ଅଶ୍ଳୀଳ ଗାଳିଗୁଲଜ କରେ । ଏନେଇ ମିନତୀ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଏହାର ଆପୋଷ ସମାଧାନ କରାଯାଇଥିଲା । ମାତ୍ର ପୁନଃର୍ବାର ଗତକାଲି ସୌମ୍ୟ ରାତ୍ରୀରେ ଯାଇ ମିନତ

ପ୍ରତାପ ପଣ୍ଡାଙ୍କ ୧୨ତମ ଶ୍ରାଦ୍ଧୋତ୍ସବ ଓ ସମ୍ବର୍ଦ୍ଧନା ସମାରୋହ

ଭଦ୍ରକ, ୨୩/୦୮ (ନି.ପ୍ର): ସର୍ବ ଭାରତୀୟ ଶ୍ରମିକ ନେତା ତଥା ଭାରତୀୟ ମଜଦୂର ସଂଘର ରାଷ୍ଟ୍ରୀୟ କାର୍ଯ୍ୟକର୍ତ୍ତା, ଅଖିଳ ଭାରତୀୟ ଖଣିଜ ଧାତୁ ମଜଦୂର ମହାସଂଘର ରାଷ୍ଟ୍ରିୟ ସହସମ୍ପାଦକ ସ୍ୱର୍ଗତ ପ୍ରତାପ ପଣ୍ଡାଙ୍କ ୧୨ତମ ଶ୍ରାଦ୍ଧ ସମାରୋହ ଭଦ୍ରକ ସହର ସ୍ଥିତ ଶହୀଦ୍ ସ୍ମୃତି ଭବନ (ଟାଉନ ହଲ) ଠାରେ ଆଜି ପୂର୍ବାହ୍ଣରେ ଅନୁଷ୍ଠିତ ହୋଇ ଯାଇଛି । ସକାଳେ ବିଷ୍ଣୁପୁର ଛକ ସ୍ଥିତ ସ୍ୱର୍ଗତ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ବହୁ ବୁଦ୍ଧିଜୀବୀ, ଭାରତୀୟ ମଜଦୂର ସଂଘର କର୍ମକର୍ତ୍ତା ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ବାଢିଥିଲେ । ପରେ ପ୍ରତାପ ପଣ୍ଡା ସ୍ମୃତି ସଂସଦ ଆନୁକୂଲ୍ୟରେ ଟାଉନହଲରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ମୃତି ସଂସଦର ସଭାପତି ପୂର୍ଣ୍ଣଚନ୍ଦ୍ର ଖିଲାରଙ୍କ ପୌରୋହିତ୍ୟ ଏବଂ ପ୍ରଧାନ ଶିକ୍ଷକ ବିଜୟ ମିଶ୍ରଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ବରିଷ୍ଠ ଡାକ୍ତର ପ୍ର. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ବରେଣ୍ୟ ଅତିଥି ଭାବେ ଧମାନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ, ସମ୍ମାନନୀୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଯୋଗ ଦେଇ ସ୍ୱର୍ଗତ ପ୍ରତାପ ପଣ୍ଡାଙ୍କ ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ପଣ୍ଡା ଛାତ୍ର ଜୀବନରୁ ସମାଜର ତଳ ଶ୍ରେଣୀ ଲୋକମାନଙ୍କ ହକ୍ ପାଇଁ ଲଢ଼େଇ ଆରମ୍ଭ କରିଥିଲେ । ଭାରତୀୟ ମଜଦୂର ସଂଘ ସହିତ ସାମିଲ ହୋଇ ସର୍ବଭାରତୀୟ କାର୍ଯ୍ୟକର୍ତ୍ତା ଭାବେ ନିଜର ପ୍ରତିଭାର ପରିଚୟ ଦେଇଥିଲେ । ଅଦମ୍ୟ ସାହସ, ନିର୍ଭୀକତା, ପ୍ରବଳ ଇଚ୍ଛାଶକ୍ତି ତାଙ୍କୁ କେବେ ହାର ମାନିବାକୁ ଦେଇ ନଥିଲା । ସେଭଳି ଜଣେ ସଂଗ୍ରାମୀଙ୍କର ଯେ ପୁନର୍ଜନ୍ମ ହେବ ତାହା କଳ୍ପନା କରି ହେଉ ନାହିଁ । ପ୍ରତାପ ଜଣେ ପ୍ରଚଣ୍ଡ ପ୍ରତାପୀ ଶ୍ରମିକ ନେତା ଭାବେ ବିଭିନ୍ନ ବର୍ଗରେ କାର୍ଯ୍ୟରତ ଶ୍ରମିକ, ଖଟିଖିଆମାନଙ୍କ ପାଇଁ ଲଢେଇ କରୁଥିଲେ । ସଂଘୀୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇ ଏକ ସଡ଼କ ଦୁର୍ଘଟଣାରେ ୨୦୧୧ ମସିହା ଅଗଷ୍ଟ ୨୩ ତାରିଖରେ ତାଙ୍କର ନାଗପୁର ଠାରେ ଦେହାନ୍ତ ହୋଇଥିଲା । ତାଙ୍କ ନିଧନ ସମଗ୍ର ଶ୍ରମିକ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ତାଙ୍କ ସ୍ମୃତିରେ ଅନୁଷ୍ଠିତ ବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା କରାଯାଇ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ଏଥରେ ପ୍ରଥମ ହୋଇଥିବା ଚିଙ୍ଗୁଡ଼ିପୁର ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଛାତ୍ର ସଦାନନ୍ଦ ପଣ୍ଡା, ଦ୍ୱିତୀୟ ଜଳମଣ୍ଡୁଆ ଉଚ୍ଚ ବିଦ୍ୟାପୀଠର ଛାତ୍ରୀ ଅଭିସ୍ମିତା ସାମଲ, ତୃତୀୟ କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠ ଚୁନିଦାର ଛାତ୍ରୀ ସମ୍ପଦାପ୍ରୀତି ପାଣିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ସେହପରି ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବିଷ୍ଣୁପୁର ପଞ୍ଚାୟତରେ ସର୍ବୋଚ୍ଚ ନମ୍ବର ରଖିଥିବା ଚିଙ୍ଗୁଡ଼ିପୁର ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ନେହଲତା ପଣ୍ଡାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନୀତ କରାଯାଇଥିଲା ।

ମରଣଯନ୍ତା ପାଲଟିଛି ବଡ଼ବରୁଣାଇ ପଦା ରାସ୍ତା

କୋରେଇ, ୨୩/୦୮ (ନି.ପ୍ର): ସହରାଂଚଳ ଠାରୁ ଗ୍ରାମାଂଚଳ ପର୍ଯ୍ୟନ୍ତ ସବୁଠି ଗମନାଗମନ ଉପରେ ଗୁରୁତ୍ୱାରୋପ କରାଯାଉଛି । ଗ୍ରାମାଂଚଳରେ ସହରାଂଚଳର ସମସ୍ତ ସୁବିଧା ଉପଲବ୍ଧ ହେବ ବୋଲି ଯୋଜନା ଚାଲିଛି । ହେଲେ ଏବେବି ଅନେକ ଗ୍ରାମକୁ ରାସ୍ତା ନଥିବା ବେଳେ ଅନେକ ରାସ୍ତା ପୁରୁଣା ହୋଇ ଭାଙ୍ଗିରୁଜି ଯାଇଛି । ଯାହାର ମରାମତି ଅଭାବରୁ ମରଣଯନ୍ତା ପାଲଟିଛି । ଏଭଳି ଅବସ୍ଥା ଦେଖିବାକୁ ମିଳିଛି କୋରାଇ ବ୍ଲକ ଅନ୍ତର୍ଗତ କରଦା ପଂଚାୟତର ବଡବରୁଣାଇପଦା ଗ୍ରାମ ରାସ୍ତା । ଏହି ରାସ୍ତା ଦୀର୍ଘ ବର୍ଷ ପୂବରୁ ସିମେଂଟ କଂକ୍ରିଟ କରାଯାଇଥିଲା । ମାତ୍ର ଏହାର ପୁନଃ ଉଦ୍ଧାର ନହେବାରୁ ଏହା ଭାଙ୍ଗିରୁଜି ଯାଇଛି । ଯାହା ଏବେ ସାଧାରଣ ଲୋକଙ୍କ ଦୁର୍ଘଟଣାର କାରଣ ପାଲଟିଛି । ଏହି ରାସ୍ତକୁ ବ୍ୟବହାର ଉପଯୋଗୀ କରିବାକୁ ହେଲେ ଏହାର ମରାମତି ଆବଶ୍ୟକ ରହିଛି । ପଂଚାୟତ ପକ୍ଷରୁ ଏହି ରାସ୍ତା ମରାମତି ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଲାଂଚ ମାଗିବା ଅଭିଯୋଗରେ...

ଅଭିଯୋଗ ହୋଇଥିଲା । ଅଭିଯୋଗ ଅନୁସାରେ ସିଏମଏମୟୁ ମ୍ୟାନେଜର ମନୋରଂଜନ ପାଣିଗ୍ରାହୀ କୁଆଡେ ପ୍ରଥମ ପର୍ଯ୍ୟାୟରେ ୩୪ ହଜାର ଟଙ୍କା ଲାଂଚ ନେଇଥିଲେ । ପରେ ଆଉ ୩ ଲକ୍ଷ ଟଙ୍କା ଲାଂଚ ମାଗିଥିବା ନେଇ ଏସ୍ଏଚ୍ଜି ମହିଳାମାନେ ମ୍ୟୁନିସିପାଲଟି ଅଫିସରଙ୍କ ନିକଟରେ ଅଭିଯୋଗ କରିଥିଲେ । ମହିଳାଙ୍କ ଅଭିଯୋଗକୁ ଭିତି କରି ମ୍ୟାନେଜର ଶ୍ରୀ ପାଣିଗ୍ରାହୀଙ୍କ ବିରୋଧରେ ମ୍ୟୁନିସିପାଲଟି ଅଫିସର ଭଞ୍ଜପୁର ଥାନାରେ ଏଫ୍ଆଇଆର ଦେଇଥିଲେ । ଏହା ପରେ ପୁଲିସ ମନୋରଂଜନ ପାଣିଗ୍ରାହୀଙ୍କ ଅଫିସ୍ ରେ ଚଢ଼ଉ କରି ତାଙ୍କୁ ଗିରଫ କରିଛି ।

ଆହୁରି ଦୁଇ ...

ବଜ୍ରପାତ ହେବାର ସମ୍ଭାବନା ରହିଛି । ସେହିପରି କୋରାପୁଟ, ମାଲକାନଗିରି, ବଲାଙ୍ଗିର, ବୌଦ୍ଧ, ବରଗଡ଼, ଅନୁଗୋଳ, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ନୟାଗଡ଼ରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ଯେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତାକାଲି ଅର୍ଥାତ ୨୪ ତାରିଖରେ କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୂଆପଡ଼ା, ବଲାଙ୍ଗିର, ସୋନପୁର, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କଟକ, ଅନୁଗୋଳ, ଢେଙ୍କାନାଳ, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ାରେ ଗୋଟିଏରୁ ଦୁଇଟି ସ୍ଥାନରେ ବର୍ଷା ସହ ଘଡ଼ଘଡ଼ି ଓ ବଜ୍ରପାତ ହେବାର ସମ୍ଭାବନା ରହିଛି । ବଲାଙ୍ଗିର, ବୌଦ୍ଧ, ଖୋର୍ଦ୍ଧା, ଢେଙ୍କାନାଳ, ଭଦ୍ରକ, ମୟୂରଭଞ୍ଜ, ଅନୁଗୋଳ, କେନ୍ଦୁଝର, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା ଜିଲ୍ଲାରେ କେତେକ ସ୍ଥାନରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ଯେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୫ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା, ଗଜପତି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ସ୍ଥାନରେ ବର୍ଷା ସହ ବଜ୍ରପାତ ଓ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି । ତେବେ ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା ଓ ମୟୂରଭଞ୍ଜ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ଯେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆଜି ଭୁବନେଶ୍ୱରରେ ଅଧିକାଂଶ ଅଞ୍ଚଳରେ ବର୍ଷା ହୋଇଛି । ଅପରାହ୍ନରେ ହଠାତ୍ ଆକାଶରେ ଘୋଟି ଆସିଥିଲା କଳାହାଣ୍ଡିଆ ମେଘ । ପରେ ପ୍ରବର୍ଷା ହୋଇଥିଲା । ବର୍ଷାରେ ବେହାଲ ହୋଇଥିଲା ରାଜଧାନୀ ।

ନିଜ ଆଡୁ ମାମଲା ...

ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ମହିଳା କମିଶନ ଅଧକ୍ଷା ମିନତି ବେହେରା । ସୂଚନାଯୋଗ୍ୟ ଯେ ଅନୁଗୁଳ ଡିଆଇଜି ବ୍ରିଜେଶ ରାୟଙ୍କ ଘରେ କାର୍ଯ୍ୟ କରୁଥିବା ମହିଳା ହୋମଗାର୍ଡ ସୈରିନ୍ଧ୍ରୀ ସାହୁ ଗତ ୧୩ ତାରିଖ ଦିନ ସେ ହୋମଗାର୍ଡ ଡିଜିଙ୍କୁ ଲିଖିତ ଭାବେ ଘଟଣା ସମ୍ପର୍କରେ ଜଣାଇଥିଲେ । ଏହି ଘଟଣାରେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଆଜି ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିସନରେ ଏକ ମାମଲା ରୁଜୁ ହୋଇଥିବା ବେଳେ ରାଜ୍ୟ ମାନବାଧିକାର କମିସନ ନିଜ ଆଡୁ ଏକ ମାମଲା ରୁଜୁ କରି ରିପୋର୍ଟ ତଲବ କରିଛନ୍ତି । ଜାତୀୟ ମାନବାଧିକାର କମିସନରେ ସାମାଜିକ କର୍ମୀ ଜୟନ୍ତ ଦାସଙ୍କ ପକ୍ଷରୁ ମାମଲା ରୁଜୁ ହୋଇଛି । ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତା ହୋମଗାର୍ଡ଼ଙ୍କୁ କ୍ଷତିପୂରଣ ଦାବିରେ ଏହି ମାମଲା ରୁଜୁ ହୋଇଛି ।

ଗୋଟିଏ ଶିକ୍ଷାବର୍ଷରେ...

ବୁଝାମଣା ଏବଂ ଦକ୍ଷତା ସ୍ତର ମୂଲ୍ୟାଙ୍କନ କରାଯିବ । ସେପଟେ ଶିକ୍ଷାମନ୍ତ୍ରଣାଳୟର ନୂଆ ପାଠ୍ୟକ୍ରମ ମୁତାବକ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ବିଷୟ ଚୟନ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ । ଛାତ୍ର ଛାତ୍ରୀମାନଙ୍କୁ ସେମାନଙ୍କ ପସନ୍ଦର ବିଷୟ ଚୟନ କରିବାକୁ ସ୍ୱାଧୀନତା ମିଳିବ । ଶିକ୍ଷା ମନ୍ତ୍ରଣାଳୟର ନୂତନ ପାଠ୍ୟକ୍ରମ ଢାଞ୍ଚା ମୁତାବକ ବିଦ୍ୟାଳୟ ବୋର୍ଡଗୁଡିକ ଠିକ୍ ସମୟରେ 'ଚାହିଦା ମୁତାବକ' ପରୀକ୍ଷା କରାଇବାର କ୍ଷମତା ବିକଶିତ କରିପାରିବେ । ନୂଆ ଶିକ୍ଷାନୀତି ମୁତାବକ ନୂଆ ପାଠ୍ୟକ୍ରମର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି । ୨୦୨୪ ଶିକ୍ଷାବର୍ଷ ପାଇଁ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯିବ ବୋଲି ଶିକ୍ଷାମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଶିକ୍ଷାମନ୍ତ୍ରଣାଳୟର ନୂଆ ନିୟମ ମୁତାବକ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ପିଲାମାନଙ୍କୁ ୨ଟି ଭାଷାରେ ପଢିବାକୁ ପଡିବ । ସେଥିମଧ୍ୟରୁ ଅତି କମରେ ଗୋଟିଏ ଭାରତୀୟ ଭାଷା ହେବା ଦରକାର ।

ଏସିଆନ୍ ଗ୍ୟାସ୍ ଏଜେନ୍ସିରୁ ୧୦ଟି ତ୍ରୁଟିପୂର୍ଣ୍ଣ ଗ୍ୟାସ୍ ସିଲିଣ୍ଡର ଜବତ

କନ୍ଧମାଳ , ୨୩/୦୮ (ନି.ପ୍ର): ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଯୋଗାଣ ବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ସ୍ଥାନୀୟ ହିନ୍ଦୁସ୍ଥାନ ପେଟ୍ରୋଲିୟମ ଗ୍ୟାସ ଏଜେନ୍ସି ହାଟପଦା ଠାରେ ଥିବା ଏସିଆନ ଗ୍ୟାସ ଏଜେନ୍ସି ଉପରେ ଚଢାଉ କରି ଚାରିଟି ଗ୍ୟାସ୍ ଭର୍ତି ସିଲିଣ୍ଡର ଓ ୬ଟି ଖାଲି ସିଲିଣ୍ଡର ଜବତ କରିଥିଲେ । ସିଲିଣ୍ଡରରେ ଆବଶ୍ୟକ ପରିମାଣ ଠାରୁ କମ୍ ଓଜନ ର ଗ୍ୟାସ୍ ଥିବା ଓ ସିଲିଣ୍ଡର ରେ ତ୍ରୁଟି ଥିବା ଦର୍ଶାଇ ଥିଲେ । ଓଜନ କିପରି ଓ କାହିଁକି କମ୍ ଆସିଲା ବୋଲି ପ୍ରଶ୍ନ କରିବାରେ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ନପାରିବାରୁ ଜବତ କରିଥିଲେ । ଜବତ ସମସ୍ତ ସିଲିଣ୍ଡର ଗୁଡ଼ିକୁ ମା ନାରାୟଣୀ ଗ୍ୟାସ୍ ବିତରଣକାରୀ ଅକ୍ଷୟ ବିଶ୍ୱାଳଙ୍କୁ ହସ୍ତାନ୍ତର କରିଥଲେ । ଚଢାଉରେ ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ର, ସହକାରୀ ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର୍ ପାଣିଗ୍ରାହି, ଯୋଗାଣ ନିରୀକ୍ଷକ କବିତାରାଣୀ ବେହେରା ଯୋଗ ଦେଇଥିଲେ । ଗ୍ୟାସ୍ ସମସ୍ୟା ନେଇ ବହୁ ପୂର୍ବରୁ ଉପଭୋକ୍ତା ମାନେ ଅଭିଯୋଗ କରିଆସୁଥିଲେ ।

ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ୪ ଇଂ. ସରୋଜ କୁମାର ଚାନ୍ଦଙ୍କ ବିୟୋଗରେ ଶୋକ

ବାଲେଶ୍ୱର, ୨୩/୦୮ (ନି.ପ୍ର): ଇଂ. ସରୋଜ କୁମାର ଚାନ୍ଦଙ୍କ ଦେହାନ୍ତର ପଞ୍ଚମ ଦିନରେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ବାଲେଶ୍ୱର ତରଫରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଇଂ. ବନମାଳୀ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶୋକସଭାରେ ଇଂ. ନାୟକ ବକ୍ତବ୍ୟରେ କହିଥିଲେ ଯେ ୪ ସରୋଜ ଚାନ୍ଦ ତାଙ୍କର ସହପାଠୀ ଥିଲେ । ବୃତ୍ତି ନିବୃତ୍ତ ପରେ ବିଭିନ୍ନ ସାମାଜିକ ଅନୁଷ୍ଠାନରେ କର୍ମକର୍ତ୍ତା ଥାଇ ଜନକଲ୍ୟାଣ କାର୍ଯ୍ୟରେ ଲିପ୍ତ ରହୁଥିଲେ । ଅବସରପ୍ରାପ୍ତ ଡିପ୍ଲୋମା ଇଂଜିନିୟରର୍ସ ସଂଘର ସଭାପତି ଥିବା ଅବସ୍ଥାରେ ତାଙ୍କର ପରଲୋକ ଘଟିଲା । ଜଣେ ଉଦାର, ବନ୍ଧୁବତ୍ସଳ, ଉତ୍ତମ ସଂଗଠକ ଭାବରେ ପରୋପକାର ପାଇଁ ତାଙ୍କର ଅବସର ସମୟ ଉତ୍ସର୍ଗୀକୃତ ଥିଲା ବୋଲି ସଭାପତି ଇଂ. ନାୟକ ବକ୍ତବ୍ୟରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶେଖ ଆଲ୍ଲାଉଦ୍ଦିନ୍, ଭବେଶ ଚନ୍ଦ୍ର ପଣ୍ଡା, ସ୍ୱଦେଶ ରଞ୍ଜନ ମହାପାତ୍ର, ରବୀନ୍ଦ୍ର ନାଥ ପାଣି, କ୍ଷେତ୍ରମୋହନ ନାୟକ, ଜ୍ଞାନେନ୍ଦ୍ର ନାଥ ସାହୁ, ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ, ସୁରେନ୍ଦ୍ର ପ୍ରସାଦ ଧଳ, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ଇଂ. କେଶବ ଚନ୍ଦ୍ର ମାହାନ୍ତି, କାଳିଚରଣ ବେହେରା, ଶଚୀନ୍ଦ୍ର ଦାସ, କାର୍ତ୍ତିକ ଚନ୍ଦ୍ର ପାତ୍ର, ସୀତାରାମ ପ୍ରଧାନ, ପୁରୁଷୋତ୍ତମ ବେହେରା ପ୍ରମୁଖ ୪ ଚାନ୍ଦଙ୍କର ସ୍ମୃତିଚାରଣ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସଂଗେସଂଗେ ତାଙ୍କ ପରିବାରର ମଙ୍ଗଳ କାମନା କରି ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରିଥିଲେ ।

ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ପ୍ରବେଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାରିପଦା , ୨୩/୦୮ (ନି.ପ୍ର): ଦୀର୍ଘ ତିନି ବର୍ଷର ବ୍ୟବଧାନ ପରେ ମୟୂରଭଞ୍ଜର ଏକ ମାତ୍ର ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ବାରିପଦା ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ରେ ଏ ବର୍ଷ ବିଇଡି ପ୍ରଥମ ବର୍ଷ ଛାତ୍ର ଛାତ୍ରୀ ମାନଙ୍କୁ ଆଡ଼ମିସନ ହେବାର ସୁଯୋଗ ପ୍ରଦାନ କରାଯାଇଛି । ମହାବିଦ୍ୟାଳୟରେ ପ୍ରଫେସର ଓ ଅନ୍ୟ କର୍ମଚାରୀଙ୍କ ଆନ୍ତରିକ ସହଯୋଗରେ ଛାତ୍ର ଛାତ୍ରୀଙ୍କ ପାଇଁ ପ୍ରବେଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଡକ୍ଟର ସରୋଜ ନାୟକଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟରେ ଅଧକ୍ଷ ଡକ୍ଟର ସଞ୍ଜୟ କୁମାର ଦେ ପୌରାହିତ୍ୟ କରି ରାଷ୍ଟ୍ରର ସର୍ବାଙ୍ଗୀନ ବିକାଶ ରେ ଶିକ୍ଷକ ମାନଙ୍କର ପ୍ରମୁଖ ଭୂମିକା ରହିଛି ବୋଲି ମତ ରଖିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ ପ୍ରଶିକ୍ଷକ ଭାବେ ସହକାରୀ ପ୍ରଫେସର ଡକ୍ଟର ଚିତ୍ରସେନ ସେଠୀ, ଡକ୍ଟର ତ୍ରିନାଥ ମଲ୍ଲିକ, ଡକ୍ଟର ସରୋଜ ନାୟକ, ଉମେଶ ଚନ୍ଦ୍ର ମାଝୀ, ସରୋଜ ଦାସ, ଖିରୋଦ ଚୌଧୁରୀ ରାଜକିଶୋର ରାଉଳ, କେ. ଲକ୍ଷ୍ମୀ ସେନାପତି, ନବୀନ ନାଏକ, ସନ୍ଦୀପ ସିଂ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ । ପ୍ରଥମେ ଛାତ୍ର ଛାତ୍ରୀଙ୍କୁ ଫୁଲ ଚନ୍ଦନ ଓ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା । ମହାବିଦ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

ଚନ୍ଦ୍ରଯାନର ସଫଳ ଅବତରଣ ପାଇଁ ଠାକୁରଙ୍କୁ ପାର୍ଥନା କଲେ କୁନିକୁନି ଛାତ୍ରଛାତ୍ରୀ

ନୀଳଗିରି, ୨୩/୦୮ (ନି.ପ୍ର): ଚନ୍ଦ୍ରଯାନ-୩ ର ସଫଳ ଅବତରଣ ପାଇଁ ବରହମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ଜଗନ୍ନାଥଙ୍କ ଫୋଟଚିତ୍ର ନିକଟରେ ପୂଜା ଅର୍ଚ୍ଚନା କରାଯିବା ସହିତ ସଫଳ ଅବତରଣ ପାଇଁ ପାର୍ଥନା କରାଯାଇଥିଲା । ଏଥିରେ ବିଦ୍ୟା ମନ୍ଦିର ର ସଭାପତି ଅକ୍ଷୟ କୁମାର ବେହେରା, ପ୍ରଧାନ ଆଚାର୍ଯ୍ୟା ଅନସୂୟା ମହାନ୍ତି, ସନ୍ତୋଷ କୁମାର ବେହେରା, ଶ୍ରୀନାଥ ମଢେଇ, ଲୀଳାବତୀ ଚୌଧୁରୀ, ଅଞ୍ଜଳି ବାରିକ, ଉଜ୍ଜୟିନୀ ବେହେରା, ସବିତା ଲେଙ୍କା, ମମତା ସାହୁ ସହଯୋଗ କରିଥିଲେ ।

୧୧ ଦଫା ଦାବିନେଇ ବଲାଙ୍ଗିର ସରପଂଚ ମହାସଂଘ ଆନ୍ଦୋଳନ

ବଲାଙ୍ଗିର , ୨୩/୦୮ (ନି.ପ୍ର): ୧୧ ଦଫା ଦାବୀ ନେଇ ଆନ୍ଦୋଳନକୁ ଓହ୍ଲାଇଛି ବଲାଙ୍ଗିର ଜିଲ୍ଲା ସରପଂଚ ମହାସଂଘ । ଦାବୀ ପୂରଣ ନ ହେଲେ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି ସଂଘ ଚେତାବନୀ ଦେଇଛି ମହାସଂଘ । ବଲାଙ୍ଗିର ଜିଲ୍ଲାର ଗ୍ରାମ ପଂଚାୟତଗୁଡ଼ିକର

ଗୁରୁବାର, ଅଗଷ୍ଟ ୨୪, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଡେଙ୍ଗୁ ସ୍ଥିତି ନେଇ ବିଏମସି ଅଫିସ୍ ଘେରିଲା ବିଜେପି

ଭୁବନେଶ୍ୱର, ୨୩/୦୮ (ନି.ପ୍ର): ରାଜଧାନୀରେ ଡେଙ୍ଗୁ ସ୍ଥିତିକୁ ନେଇ ବିଏମସି ଅଫିସ୍ ଘେରିଲା ବିଜେପି ।ଡେଙ୍ଗୁ ନିୟନ୍ତ୍ରଣରେ ବିଏମସି ବିଫଳ ହେଉଥିବା ଅଭିଯୋଗ କରି ବିଜେପିର ହଲ୍ଲାବୋଲ କରିଛି । ବୁଧବାର ଦିନ ବିଏମସି କାର୍ଯ୍ୟାଳୟ ଘେରିବା ସହ ମେୟର ଓ କମିଶନରଙ୍କ ବିରୋଧରେ ଗର୍ଜିଛି ବିଜେପି । ଏହାସହ ବିଏମସି କାର୍ଯ୍ୟାଳୟ ଭିତରକୁ ମଶା ଧୂଆଁ ଛାଡ଼ିଛନ୍ତି ବିଜେପି କର୍ମକର୍ତା । ଭୁବନେଶ୍ୱର ଜିଲ୍ଲାବିଜେପି ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଶହ ଶହ ବିଜେପି କର୍ମୀ ହାତରେ ଟିଫା ମେସିନ ଓ ମୁଖ୍ୟମନ୍ତ୍ରୀ ଓ ମେୟରଙ୍କ ଛବି ଥିବା ବିରାଟକାୟ ମଶା ହୋଡିଂ ଧରି ବିଏମସି ଅଫିସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗତ କିଛି ଦିନ ଧରି ରାଜଧାନୀରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କେବଳ ଭୁବନେଶ୍ୱରରେ ୧୫ଶହ ରୁ ଉର୍ଦ୍ଧ୍ୱ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୦ ରୁ ଉର୍ଦ୍ଧ୍ୱ ପୀଡିତଙ୍କ ମୃତ୍ୟୁ ସମସ୍ତଙ୍କୁ ଭୟଭୀତ କରିଛି। ଭୁବନେଶ୍ୱରର ପ୍ରତି ଘରେ ଡେଙ୍ଗୁ ପୀଡିତ। ରାଜ୍ୟରେ ସ୍ୱାୟତ ଶାସନ ବାଟବଣା ହୋଇଛି । ରାଜଧାନୀ ସହରରେ ସ୍ୱାସ୍ଥ୍ୟ ବିଭାଗ ଓ ବିଏମ୍ସି ଉଭୟଙ୍କ ଦାୟିତ୍ୱହୀନତା ପାଇଁ ସାଧାରଣ ଲୋକ ଅକାଳରେ ପ୍ରାଣ ହରାଉଛନ୍ତି । ୨୩ ବର୍ଷ ଶାସନରେ ଥିବା ସତ୍ତ୍ୱେ ବିଜେଡି ସରକାରର 'ପରିମଳ ପରିଚାଳନା' ସମ୍ପୂର୍ଣ୍ଣ ଫେଲ ହୋଇଥିବାରୁ ଡେଙ୍ଗୁ ରୋଗ ପ୍ରତି ବର୍ଷ ବୃଦ୍ଧି ପାଇଚାଲିଛି। 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ବୋଲି କହୁଥିବା ମୁଖ୍ୟମନ୍ତ୍ରୀଙ୍କ ପାଇଁ ଡେଙ୍ଗୁରେ ଆକ୍ରାନ୍ତ ପୀଡିତଙ୍କ ଜୀବନ କ'ଣ ମୂଲ୍ୟହୀନ ବୋଲି ବାବୁ ସିଂ ପ୍ରଶ୍ନ କରିଛନ୍ତି । ସିଂ କହିଛନ୍ତି ଯେ, ଦୀର୍ଘଦିନ ଏ ସରକାର ଶାସନ କରୁଥିବାରୁ ଅଫିସରମାନେ ଉପର ମୁହାଁ ହୋଇଛନ୍ତି ।ବିଏମସିର ଚରମ ଅବହେଳା କାରଣରୁ ରାସ୍ତା ଘାଟ, ନାଳ ନର୍ଦ୍ଦମାର ଦୁର୍ଦ୍ଦଶା ଚରମ ସୀମା ଅତିକ୍ରମ କରିଛି । ବର୍ଷା ପାଣି ଜମା ରହି ମଶା ବଂଶ ବୃଦ୍ଧିରେ ସହାୟକ ହେଉଛି ।ବିଏମସି ସଠିକ୍ ସମୟରେ ମଶା ନିୟନ୍ତ୍ରଣର କାମ କଲେ ନାହିଁ, ଯଥା ମଶାତେଲ, ଜାଗା ଚିହ୍ନଟ କରି ଉପଯୁକ୍ତ ପଦକ୍ଷେପ ନେଲେ ନାହିଁ । ଡେଙ୍ଗୁ ରୋଗ ନିୟନ୍ତ୍ରଣହୀନ ହେବା ପରେ ନିଜ ଦୋଷ ଦୁର୍ବଳତାକୁ ଲୁଚାଇ ମିଛ ପ୍ରଚାର ପ୍ରସାର କରି ବାଃ ବାଃ ନେବା ପାଇଁ ଉଦ୍ୟମ କଲେ ସତ, କିନ୍ତୁ ଗ୍ରାଉଣ୍ଡ ଜିରୋରେ କୌଣସି ପଦକ୍ଷେପ ନେଲେ ନାହିଁ । ନାଳ ନର୍ଦ୍ଦମାରୁ ବାହାରିଥିବା ଆବର୍ଜନାକୁ ହଟା ଗଲା ନାହିଁ । ବିଏମସି ମେୟର ବୁଲି ବୁଲି ଯାହା ପ୍ରଚାର କରିଥିଲେ, ତାର ଠିକ ବୀପରିତ କାର୍ଯ୍ୟ କରାଗଲା ।

ଆବାସ ଯୋଜନା ଲାଗି ବାଲିର ଅଭାବ ଲାଗି ଜିଲ୍ଲାପାଳଙ୍କୁ ଦାବିପତ୍ର

ଜଳେଶ୍ୱର , ୨୩/୦୮ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବସ ଯୋଜନାରେ ପକ୍କାଘର ଯୋଗାଇବାକୁ ସରକାର ସିଦ୍ଧାନ୍ତ ନେଇଥିବା ବେଳେ ବାଲି ନ ମିଳିବାରୁ ନିର୍ମାଣରେ ବିଳମ୍ବ ଦେଖା ଦେଉଛି । ଚଳିତବର୍ଷ ଆବାସ ଯୋଜନା ୭ହଜାର ହିତାଧିକାରୀଙ୍କୁ କାର୍ଯ୍ୟଦେଶ ଦିଆଯାଇ ସାରିଲାଣି। ଅନ୍ୟପକ୍ଷରେ ଧାରାଶ୍ରାବଣ ଆରମ୍ଭ ହୋଇଥିବାରୁ ବାଲି, ଇଟା ମିଳିବା କଷ୍ଟସାଧ୍ୟ ଓ ସମୟ ସାପେକ୍ଷ ହୋଇଛି । ଏନ୍‌ଜିଟିର ନିର୍ଦ୍ଦେଶ ଅନୁଯାୟୀ ସୁବର୍ଣ୍ଣରେଖା ନଦୀର ପ୍ରାୟ ସମସ୍ତ ସୈରାତ ବନ୍ଦ ରହିଛି। ତେଣୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ହିତାଧିକାରୀ ଆବସ ଯୋଜନାରେ ଗୃହ ନିର୍ମାଣ କରିବା ସମ୍ଭବ ନୁହେଁବୋଲି ମତପ୍ରକାଶ ପାଇଛି । ଏବେ ଜଳେଶ୍ୱର ଅଂଚଳରେ ବାଲି ଟ୍ରାକ୍ଟର ମୂଲ୍ୟ ଚୋରାରେ ୩୫ଶହରୁ ୪ହଜାର ଟଙ୍କା ହୋଇଛି । ଅନ୍ୟପକ୍ଷରେ ଆବାସ ଯୋଜନାର ଅବଧି ସରକାର ୪ ମାସ ରଖିଛନ୍ତି । ବର୍ଷାଦିନ ଓ ଆସବାପତ୍ରର ଅଭାବ ଯୋଗୁଁ ୪ ମାସ ମଧ୍ୟରେ ଗୃହ ନିର୍ମାଣ ସମ୍ଭବ ହେଉନଥିବାରୁ ୮ ମାସକୁ ବୃଦ୍ଧିଲାଗି ବିଭିନ୍ନ ସ୍ଥାନରୁ ଦାବି ହୋଇ ଆସୁଥିଲା । ଏ ସଂପର୍କରେ ଆଜି ରାଜପୁର ପଂଚାୟତର ସରପଂଚ ମମତାରାଣୀ ପରିଡା, ସମିତି ସଦସ୍ୟା ଦେବଯାନୀ ବିଶ୍ୱାଳ, ପୂର୍ବତନ ସରପଂଚ ଦିଲ୍ଲିପ ପରିଡା, ଜଳଧର ବିଶ୍ୱାଳଙ୍କ ନେତୃତ୍ୱରେ ବହୁ ହିତାଧିକାରୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜଳେଶ୍ୱର ତହସିଲଦାର ମିହିର ରଂଜନ ବେହେରାଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରାଯାଇ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି ।

ବାସି ପିଠା ଖାଇ ୫ ଛାତ୍ର ଗୁରୁତର: ମେଡିକାଲରେ ଭର୍ତ୍ତି

ନୀଳଗିରି, ୨୩/୦୮ (ନି.ପ୍ର): ବାସି ପିଠା ଖାଇ ୫ ଛାତ୍ର ଗୁରୁତର । ଏଭଳି ଏକ ଅଭାବନୀୟ ଘଟଣା ନୀଳଗିରି ବ୍ଲକ ଧୋବଶିଳା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ସୂଚନା ମୁତାବକ ଦିନ ୧୨ ଟା ସମୟରେ ସ୍କୁଲର ସୁଫଳା ନାୟକ ନାମକ ଜଣେ ଶିକ୍ଷୟତ୍ରୀ ୫ଜଣ ଛାତ୍ରଙ୍କୁ ପିଠା ଖାଇବାକୁ ଦେଇଥିଲେ । ଫଳରେ ଛାତ୍ରମାନେ ଉକ୍ତ ପିଠାକୁ ଖାଇବା ପରେ ସେମାନଙ୍କର ମୁଣ୍ଡ ବୁଲାଇବା ସହିତ, ବାନ୍ତି ଓ ପେଟ ଯନ୍ତ୍ରଣା ହେବା ଆରମ୍ଭ ହୋଇଥିଲା । ଛାତ୍ରମାନେ କଷ୍ଟରେ ଛଟପଟ ହୋଇଥିଲେ ମଧ୍ୟ ଶିକ୍ଷୟତ୍ରୀ କିମ୍ବା ଶିକ୍ଷକ କେହି ଡାକ୍ତରଖାନାକୁ ଆଣିନଥିଲେ । ଅଭିଭାବକ ମାନଙ୍କୁ ଅବଗତ କରାଇବା ପରେ ସେମାନେ ଛାତ୍ରମାନଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସମସ୍ତ ଅସୁସ୍ଥ ଛାତ୍ରମାନେ ୬ଷ୍ଠ ଶ୍ରେଣୀର ପଢୁଥିବା ଗଣେଷ ସିଂ, ଦୀପକ ସିଂ, ଗୌତମ ସାମଲ, ଆନନ୍ଦ ବିନ୍ଧାଣୀ,ସୁମନ ନାୟକ ବୋଲି ଜଣାପଡିଛି। ତେବେ ମଧ୍ୟାହ୍ନ ଭୋଜନ ପାଇଁ ଖାଦ୍ୟ ରନ୍ଧା ସରିଥିବା ବେଳେ ଶିକ୍ଷୟତ୍ରୀ ଜଣକ କଣ ପାଇଁ ପିଲାମାନଙ୍କୁ ପିଠା ଖାଇବାକୁ ଦେଲେ ତାହା ତଦନ୍ତ ସାପେକ୍ଷ।ଏ ସମ୍ପର୍କରେ ସୁଫଳା ଦିଦିଙ୍କୁ ପଚାରିବାରୁ ସେ ପିଠା ଦେଇନାହାନ୍ତି ବୋଲି କହିଛନ୍ତି । ଉକ୍ତ ଘଟଣାରେ ଅଭିଭାବକ ମାନେ ଉତ୍ତେଜିତ ହୋଇ ସମସ୍ତ ଶିକ୍ଷକଙ୍କୁ ସ୍କୁଲରେ ତାଲା ପକାଇ ପ୍ରତିବାଦ କରିଛନ୍ତି।

ପିକ ଅପ ଗାଡି ସହ କାଠ ଜବତ

ଜୟପୁର , ୨୩/୦୮ (ନି.ପ୍ର): ଚୋରା କାଠ ଚାଲାଣ ହେଉଥିବା ବେଳେ ଜୟପୁର ବନାଂଚଳ ତରଫରୁ ଚଢାଉ କରାଯାଇଛି । ପିକ ଅପ ରେ କାଠ ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ବନାଂଚଳର ତରଫରୁ ଢେପଗୁଡା ଠାରେ ଚଢାଉ କରିଥିଲା । ବନ ବିଭାଗ କୁ ଦେଖି ଚାଲାଣ କାରି ଗାଡି ଛାଡି ଚମ୍ପଟ ମାରି ଥିଲା। ପରେ ଗାଡି ଯାଂଚ କରିବାରୁ ୩୮ଟି ଶାଳ ସାଇଜ, ୮ଟି ବିଜା ପଟ୍ଟା କୁ ଜବତ କରିଛି । ଏହି ଚଢାଉ ରେ ଏହି ଚଢାଉ ରେ ବନାଞ୍ଚଳ ଅଧିକାରି ସଚିଦା ନନ୍ଦ ପରିଡା, ଫରେଷ୍ଟର ରଞ୍ଜିତା ନାୟକ, ଗୌତମ ସ୍ୱାଇଁ ଉପସ୍ଥିତ ଥିଲେ।

ସରକାରୀ ଶିକ୍ଷା ଅନୁଷ୍ଠାନରେ ମଦର ପ୍ରାଦୁର୍ଭାବ ପ୍ରତିବାଦରେ ବିକ୍ଷୋଭ

ଭୁବନେଶ୍ୱର, ୨୩/୦୮ (ନି.ପ୍ର): ସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ମଦର ପ୍ରାଦୁର୍ଭାବ ବଢିଗଲାଣି । ସେ ସଂକ୍ରାନ୍ତରେ ବାରମ୍ବାର ସମ୍ବାଦପତ୍ରରେ ଖବର ପରିବେଷଣ ହେଉଛି। ଏହି ଘଟଣାକୁ ଦୃଢ ନିନ୍ଦା କରିଛି ମୋନା । ସେଥିପାଇଁ ମୋନା ପକ୍ଷରୁ ଆଜି ଲୋୟର ପିଏମଜି ଠାରେ ଏହି ଘଟଣାକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସରକାରଙ୍କ ନିଶା ପ୍ରସାରଣ ନୀତି ଯୋଗୁଁ ସ୍କୁଲ, କଲେଜ, ଏବଂ ବିଶ୍ୱବିଦ୍ୟାଳୟ ମାନଙ୍କରେ ଏଭଳି ସର୍ବନାଶ ଘଟୁଛି ଯାହା ସିଧା ପ୍ରଭାବ ସେଠାରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଉପରେ ପଡୁଛି ବୋଲି ମୋନା ପକ୍ଷରୁ କୁହାଯାଇଛି । ଏହି ଅବସରରେ ମୋନାର ସଭାପତି ପଦ୍ମଚରଣ ନାୟକ କହିଛନ୍ତି ଯେ, "ସରକାରଙ୍କ ନିଶାପ୍ରସାରଣ ନୀତି ଫଳରେ ରାଜ୍ୟରେ ଏଭଳି ସର୍ବନାଶୀ ପରିସ୍ଥିତି ସୃଷ୍ଟି ହେଲାଣି।

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨୬ଟି ଜିଲ୍ଲାରେ ୧୨୪ଟି ବସଷ୍ଟାଣ୍ଡର ଶିଳାନ୍ୟାସ ଓ ୧୩ ଟି ଜିଲ୍ଲାରେ ୨୧ଟି ନୂତନ ବସଷ୍ଟାଣ୍ଡର ଉଦ୍‌ଘାଟନ

ବାରିପଦା, ୨୩/୦୮ (ନି.ପ୍ର): ଆଜି ଅପରାହ୍ନ ରେ ମାନ୍ୟବର ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ତାଙ୍କ କର କମଳରେ ଭାରଚୁଏଲ ମୋଡ଼ ରେ ରାଜ୍ୟର ୧୩ ଟି ଜିଲ୍ଲା ରେ ୨୧ ଟି ନୂତନ ବସଷ୍ଟାଣ୍ଡ କୁ ରାଜ୍ୟ ବାସୀଙ୍କ ଉଦେଶ୍ୟ ରେ ଲୋକାର୍ପିତ କରିବା ସହିତ ୨୬ ଟି ଜିଲ୍ଲାରେ ୧୨୪ ଟି ନୂତନ ବସଷ୍ଟାଣ୍ଡର ଶିଳାନ୍ୟାସ କରିଛନ୍ତି। ୫ଟି ଉପକ୍ରମରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ଆମ ବସ ଷ୍ଟାଣ୍ଡ ଯୋଜନା ରେ ପ୍ରଥମ ପର୍ଯ୍ୟାୟ ରେ ନିର୍ମିତ ୨୧ ଟି ନୂତନ ବସ ଷ୍ଟାଣ୍ଡ ମଧ୍ୟରୁ ମୟୁରଭଞ୍ଜ ଜିଲ୍ଲାର ବେତନଟି ବସ ଷ୍ଟାଣ୍ଡ କୁ ଉଦଘାଟନ କରିବା ସହିତ ଜିଲ୍ଲାରେ ନୂତନ ଭାବେ ନିର୍ମିତ ହେବାକୁ ଥିବା ବଡ଼ସାହି, ବାଙ୍ଗିରିପୋଷି, ଗୋପବନ୍ଧୁନଗର, ଉଦଳା, କପ୍ତିପଦା,ବାରିପଦା, ସକ୍ଷରସକଣା, ଯଶିପୁର, କରଞ୍ଜିଆ ଓ ଠାକୁରମୁଣ୍ଡା ବସଷ୍ଟାଣ୍ଡ ର ଶିଳାନ୍ୟାସ କରିଥିଲେ। ଏତଦ ବ୍ୟତୀତ ଯାତ୍ରୀ ମାନଙ୍କ ସୁବିଧା ଓ ଜୀବନର ସୁରକ୍ଷା ନିମନ୍ତେ ମୋ ପରିବହନ ସେବା ଓ ଏମ ପରିବହନ ସେବା ଆପ ର ଶୁଭ ଉଦଘାଟନ କରିଥିଲେ ଏବଂ ଗାଡି ଚାଳକଙ୍କ ପାଇଁ ସୁବାହକ ତାଲିମ କେନ୍ଦ୍ର କୁ ଉଦଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ହଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲକ୍ଷପାଳ ଶ୍ରୀ ବିନୀତ ଭରଦ୍ୱାଜ ଶିଳାନ୍ୟାସ ନାମ ଫଳକ କୁ ଉନ୍ମୋଚନ କରିଥିଲେ. ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ବିଶ୍ୱରାଜ ବେହେରା ଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାରିପଦା ଉପଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାଏକ, ଡେପୁଟି କଲେକଟର ଏମେର୍ଜେନ୍ସି ଶ୍ରୀ ସୁଜୟ କୁମାର ପତି, ଏମ ଭି ଆଇ ସାଲଖୁ ମୁର୍ମୁ ଏ. ଏମ. ଭି. ଆଇ. ଚିନ୍ମୟୀ ମହାନ୍ତ, ବସ ମାଲିକ ସଙ୍ଘର ସଭାପତି ଶ୍ରୀ ସୁନୀଲ କୁମାର ଦାଶ ଓ ସଂଘ ର ଅନ୍ୟାନ୍ୟ ସଦସ୍ୟ କଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଞ୍ଜନ ମହାନ୍ତି ଏବଂ ବିଭିନ୍ନ ଗଣ ମାଧ୍ୟମ ର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

ଚନ୍ଦ୍ରଯାନ -୩ର ଚନ୍ଦ୍ରପୃଷ୍ଠରେ ସଫଳ ଅବତରଣ ପରେ ନୀଳଗିରି ବିଜେପି ବାଣ ଫୁଟାଇ ବାଣ୍ଟିଲେ ମିଠା

ନୀଳଗିରି , ୨୩/୦୮ (ନି.ପ୍ର): ଭାରତୀୟ ବୈଜ୍ଞାନିକଙ୍କ ଅକ୍ଳାନ୍ତ ପରିଶ୍ରମ ଓ ନୀରବିଛିନ୍ନ ଅଧ୍ୟବସାୟ ଫଳରେ ଶେଷରେ ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ସଫଳ ଅବତରଣ କରିଛି। ଫଳରେ ସମଗ୍ର ଭାରତବର୍ଷର ଜନସାଧାରଣ ଖୁସିରେ ଝୁମି ଉଠିବା ସହ ଇସ୍ରୋ ର ବୈଜ୍ଞାନିକ ମାନଙ୍କୁ ବଧାଇ ଜଣାଇଛନ୍ତି।ଏହିଅବସରରେ ଆଜି ନୀଳଗିରି ଦୁର୍ଗମଣ୍ଡପ ଠାରେ ନୀଳଗିରି ବିଜେପି ଓ ନୀଳଗିରି ଏବିଭିପି ତରଫରୁ ବାଣ ଫୁଟାଇ ଓ ମିଷ୍ଟାନ ବଣ୍ଟନ କରି ଖୁସି ମନାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, କରୁଣାକର ପଣ୍ଡା,ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସମର ଶଙ୍କର କାନୁନଗୋ, ମନୋରଞ୍ଜନ ବେହେରା, ଦେବାଶିଷ ଆଚାର୍ଯ୍ୟ, ପ୍ରଫୁଲ୍ଲ ଦଳେଇ, ସୂର୍ଯ୍ୟକାନ୍ତ ବିଶ୍ୱାଳ, କୁଳମଣି ନାୟକ,ଏବିଭିପିର ଗୋପୀବଲ୍ଲଭ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଖୋର୍ଦ୍ଧା, ୨୩/୦୮ (ନି.ପ୍ର): ବୁଧବାର ସକାଳେ ଖୋର୍ଦ୍ଧା ରୋଡ ରେଳ ଡିଭିଜନ ଅନ୍ତର୍ଗତ ଗଙ୍ଗାଧରପୁର ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ଜିଆରପି । ସୂଚନା ମୁତାବକ, ବୁଧବାର ସକାଳେ ଖୋର୍ଦ୍ଧା ରୋଡ଼ ରେଳ ଡିଭିଜନ ଗଙ୍ଗାଧରପୁର ରେଳ ଧାରଣାରେ ଏକ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ବାଲୁଗାଁ ଆରପିଏଫକୁ ସୂଚନା ଦେଇଥିଲେ। ମୃତକ ଜଣକ ଏକ ଜିନ୍ସ ପ୍ୟାଣ୍ଟ ଓ ନୀଳ ରଙ୍ଗର ଟି ସାର୍ଟ ପିନ୍ଧିଥିବା ଦେଖିବାକୁ ମିଳିଥିଲା।

ବେକାର ସମସ୍ୟା ଦୂର ପାଇଁ ଉଦ୍ୟୋଗି ବିକାଶ ତାଲିମ ଏକମାତ୍ର ବିକଳ୍ପ : ବଳଭଦ୍ର ନାୟକ

ଉଦଳା , ୨୩/୦୮ (ନି.ପ୍ର): ସ୍ଥାନୀୟ ପଂଚାୟତ ସମିତି କାର୍ଯ୍ୟାଳୟର ବୈଠକ ଗୃହ ପରିସରରେ ଚଳିତ ଅଗଷ୍ଟ ୨୧ ତାରିଖ ସୋମବାର ଦିନ ଉଦ୍ୟୋଗି ବିକାଶ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଶିଳ୍ପକେନ୍ଦ୍ରର ପରିଚାଳକ ବଳଭଦ୍ର ନାୟକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଦେଶରୁ ବେକାର ସମସ୍ୟା ଦୂର କରିବା ପାଇଁ ଉଦ୍ୟୋଗି ବିକାଶ ତାଲିମର ଆବଶ୍ୟକତା ରହିଛି ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ପଂଚାୟତ ସମିତିର ଉପାଧ୍ୟକ୍ଷ ରଜନି ଦାସ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଶରତ କୁମାର ମହାନ୍ତି ଓ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଉଦଳା ଶାଖାର ପରିଚାଳକ ନିମେଶ ନାୟକ ପ୍ରମୁଖ ଯୋଗ ଦେଇ ଉଦ୍ୟୋଗ ପାଇଁ କଂଚା ମାଲ ଓ ସୁଯୋଗ ସବୁକିଛି ଠିକ ଥିବା ବେଳେ କେବଳ ଦକ୍ଷତା ବୃଦ୍ଧି ପାଇଁ ତାଲିମର ଆବଶ୍ୟକତା ରହିଛି ବୋଲି ବ୍ୟକ୍ତ କରିଥିଲେ । ପଂଚାୟତ ସମିତିର ଶିଳ୍ପ ବିକାଶ ଅଧିକାରୀ ମନୋରଂଜନ ପାତ୍ର ସଭାକାର୍ଯ୍ୟ ପରିଚାଳନା କରିବା ସହ ଏହି ତାଲିମ ୧୨ ଦିନ ଧରି ଚାଲିବ ବୋଲି ସୂଚନା ପ୍ରଦାନ କରିଥିଲେ । ୩୫ ଜଣ ଉଦ୍ୟୋଗି ଏହି ତାଲିମ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବାର ଜଣାଯାଇଛି ।

ବିଶ୍ୱବିଦ୍ୟାଳୟରେ ମହାବିଦ୍ୟାଳୟଗୁଡ଼ିକ ନିମନ୍ତେ ନାକ୍ ସଚେତନତା ଓ ମୂଲ୍ୟାଙ୍କନ କର୍ମଶାଳା

ବାରିପଦା, ୨୩/୦୮ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ମହାବିଦ୍ୟାଳୟ ଗୁଡ଼ିକ ପାଇଁ ଏକ ତିନିଦିନିଆ ନାକ ସଚେତନତା ଓ ମୂଲ୍ୟାଙ୍କନ କର୍ମଶାଳା ମଙ୍ଗଳବାର ଦିନ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ମହାବିଦ୍ୟାଳୟ ବିକାଶ ପରିଷଦ ତରଫରୁ ଦ୍ୱାରା ଆୟୋଜିତ ଓ ବିଶ୍ୱବ୍ୟାଙ୍କ ଦ୍ୱାରା ଉତ୍କର୍ଷତା ଏବଂ ସମାନତା ପାଇଁ ଓଡିଶା ଉଚ୍ଚ ଶିକ୍ଷା ଯୋଜନାର ଆନୁଷ୍ଠାନିକ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ପ୍ରାୟୋଜିତ ଏହି କର୍ମଶାଳାରେ ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର କାର୍ଯ୍ୟକାରୀ ସଦସ୍ୟ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ମୁଖ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଧ୍ୟକ୍ଷ ମାନଙ୍କ ବଳିଷ୍ଠ ନେତୃତ୍ୱ, ଯୋଗ୍ୟ ବ୍ୟକ୍ତିଙ୍କୁ ଦାୟିତ୍ୱ ବଣ୍ଟନ, ନୀରିକ୍ଷଣ, କର୍ତ୍ତବ୍ୟ ନିର୍ବାହନ, ଉତ୍ତରଦାୟିତ୍ୱବୋଧ ଓ ସର୍ବୋପରି ଟିମୱାର୍କ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ, ବିଶ୍ୱବିଦ୍ୟାଳୟର ଜୈବପ୍ରଯୁକ୍ତି ବିଦ୍ୟା ବିଭାଗର ପୂର୍ବତନ ପ୍ରଫେସର ହୃଦୟନାଥ ଥାଟୋଇ ଓ ଆଇକ୍ୟୁଏସି ନିର୍ଦ୍ଦେଶିକା ପ୍ରଫେସର ଏମ୍. ହିମବିନ୍ଦୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ବିଶ୍ୱବିଦ୍ୟାଳୟର ମହାବିଦ୍ୟାଳୟ ବିକାଶ ପରିଷଦର ନିର୍ଦ୍ଦେଶିକା ପ୍ରଫେସର ସୁସ୍ମିତା କର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଇକ୍ୟୁଏସିର ଉପନିର୍ଦ୍ଦେଶକ ଡ. ପ୍ରିୟରଞ୍ଜନ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ । ଆଗାମୀ ତିନିଦିନ ଧରି ହେବାକୁ ଥିବା ଏହି କର୍ମଶାଳାରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକାମାନଙ୍କ ଦ୍ୱାରା ନାକର ବିଭିନ୍ନ ମାନଦଣ୍ଡ ଯଥା ପାଠ୍ୟକ୍ରମର ଦିଗ, ଶିକ୍ଷା ପ୍ରଦାନ ଓ ଗ୍ରହଣ, ମୂଲ୍ୟାୟନ, ଗବେଷଣା, ନବୀକରଣ ଓ ବି